# ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ' ଉଦ୍‌ଘାଟିତ

**ସମ୍ବଲପୁର, ୨୧।୩ (ସମିସ)**

ଶ୍ରୀକଲ୍‌ଚରାଲ ଏସୋସିଏସନ୍, ସମ୍ବଲପୁର ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ତିନିଦିନିଆ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ -୨୦୨୬' ଆଜି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାୟୋଜକ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଥିବାବେଳେ ଏଥିରେ ସହଯୋଗ କରୁଛନ୍ତି ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଡ. ବିଜୟ ପ୍ରଧାନ, ଡ. ଦ୍ୱାରିକାନାଥ ନାୟକ ଓ ଇଂ. ସୁଶାନ୍ତ ଗୁରୁ ଅତିଥି ଭାବରେ ଯୋଗଦେଇ ମହୋତ୍ସବଟିକୁ ଉଦ୍‌ଘାଟନ କରିଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀକଲ୍‌ଚରାଲ୍ ଏସୋସିଏସନ୍ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା।

ଉଦ୍‌ଘାଟନୀ ସନ୍ଧ୍ୟାରେ ଲାବଣ୍ୟ ଥିଏଟର, ଭୁବନେଶ୍ୱର ଦ୍ୱାରା ଡ. ନାରାୟଣ ସାହୁଙ୍କ ରଚିତ ଓ ସତ୍ୟ ଜେନାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଅନାଗତ' ପ୍ରଦର୍ଶିତ ହୋଇଥିଲା। ନାଟକଟି ମୁଖ୍ୟତଃ ଭ୍ରୁଣହତ୍ୟା ଉପରେ ଆଧାରିତ ଥିଲା। ଯଦି ପ୍ରତ୍ୟେକ ସନ୍ତାନ ଭଗବାନଙ୍କ ଏକ ବରଦାନ ତେବେ ଭ୍ରୁଣହତ୍ୟା କାହିଁକି? ସେହି ଅଜନ୍ମିତ ଅନାଗତ ଶିଶୁମାନଙ୍କୁ ଏ ଦୁନିଆ ଦେଖିବା ଆଗରୁ ତାଙ୍କୁ ନିର୍ମମ ଭାବରେ ଗର୍ଭରେ ହିଁ ହତ୍ୟା କରାଯାଉଛି କାହିଁକି? ଏ ପ୍ରଶ୍ନର ଉତ୍ତର ଜାଣିବାପାଇଁ ଆଜି ମଧ୍ୟ ସେହି ଅନାଗତ ଶିଶୁମାନେ ନିଜ ଭିତରେ ନିଜେ ଜଳୁଛନ୍ତି। ଏହିଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଆଧାର କରି ପ୍ରସ୍ତୁତ ନାଟକଟି ଦର୍ଶକଙ୍କ ମନକୁ ଉଦ୍‌ବେଳିତ କରିଥିଲା। ଆସନ୍ତାକାଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେକ୍‌ଚୁଏଲ ଥିଏଟର ଆର୍ଟସ୍, କୋଲକାତାର ବଙ୍ଗଳା ନାଟକ 'ଡଲିଆ' ଏବଂ ୨୩ ତାରିଖ ଶେଷଦିନ ସମ୍ବଲପୁରୀ ନାଟକ 'ଦାମୁର୍' ପ୍ରଦର୍ଶିତ ହେବ।



# ଟ୍ରକ୍-ଲୁହାଛଡ଼ ବୋଝେଇ ପିକ୍‌ଅପ୍ ମୁହାଁମୁହିଁ

**ସମ୍ବଲପୁର, ୨୧।୩ (ସମିସ) :** ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଗୋଟିଏ ଟ୍ରକ୍ ଏବଂ ଲୁହାଛଡ଼ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଆଜି ସକାଳେ ମୁହାଁମୁହିଁ ଧକ୍କା ହୋଇଛି। ଏହା ଏତେ ତୀବ୍ର ଥିଲା ଯେ, ଦୁର୍ଘଟଣାରେ ଟ୍ରକ୍ ଭିତରେ ଲୁହା ଛଡ଼ ପଶିଯାଇଥିଲା। ଉଭୟ ଗାଡ଼ି ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ସକାଳେ ଧନୁପାଲି ଥାନା ଅନ୍ତର୍ଗତ ସିଟି ଷ୍ଟେସନ ପାଖରେ ଏକ ଟ୍ରକ୍ ଏବଂ ଲୁହାଛଡ଼ ବୋଝେଇ ପିକଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପିକ୍‌ଅପ୍ ଭ୍ୟାନରେ ଥିବା ଲୁହା ରଡ୍ ଗୁଡ଼ିକ ଛିଟିକି ଆସି ସିଧା ଟ୍ରକର ଡ୍ରାଇଭର କ୍ୟାବିନ୍‌ରେ ପଶିଯାଇଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଗୁଡ଼ିକୁ ରାସ୍ତାରୁ ହଟାଇ ଚଳାଚଳ ସ୍ୱାଭାବିକ କରିଥିଲା। ଧନୁପାଲି ପୁଲିସ ଗାଡ଼ି ଦୁଇଟିକୁ ଜବତ କରିଥିବା ସୂଚନା ମିଳିଛି।



# ଭିମସାରରେ ରାଷ୍ଟ୍ରୀୟ ନବବର୍ଷ

**ସମ୍ବଲପୁର, ୨୧।୩ (ସମିସ):** ଭିମସାରରେ ନ୍ୟାସନାଲ ମେଡିକୋସ ଅର୍ଗାନାଇଜେସନ୍ (ଏନଏମଓ) ତରଫରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସାହ ସହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି, ସକ୍ଷମର ସଭାପତି ଡାକ୍ତର ଗୋପେଶ୍ୱରୀ ହୋତା ସମ୍ମାନିତ ଅତିଥି, ଡାକ୍ତର ସତ୍ୟସାଇ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ। ଏନଏମଓର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଡାକ୍ତର ସଞ୍ଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ସହିତ ସଂଗଠନ ମନ୍ତ୍ର ଏବଂ ଗୀତର ସାମୂହିକ ଗାନ କରିଥିଲେ। ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ନବବର୍ଷର ଐତିହ୍ୟ, ପୌରାଣିକ ଓ ବୈଜ୍ଞାନିକ ମହତ୍ତ୍ୱ କହିଥିଲେ। ଏନଏମଓର ସଭାପତି ଡାକ୍ତର ସଗାନିକା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଫେସର ସୁନୀଲ କୁମାର ଶର୍ମା ମଧ୍ୟ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଡାକ୍ତର ରଞ୍ଜନ କୁଜୁର, ଡାକ୍ତର ରୋହନ ନାୟକ, ଡାକ୍ତର ସୌମ୍ୟା, ଡାକ୍ତର ପ୍ରିୟଙ୍କା, ଶୁଭମ୍, ନମନ ଏବଂ ଅନ୍ୟ ଛାତ୍ର ଛାତ୍ରୀମାନେ ସଂଯୋଜନା କରିଥିଲେ।




# ଜିଏମୟୁରେ ବିଭିନ୍ନ ବିଷୟସମୂହରେ ସାମାଜିକ ଲିଙ୍ଗ ଶୀର୍ଷକ କର୍ମଶାଳା

**ସମ୍ବଲପୁର, ୨୧।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଓ ପି.ଏମ୍. ଉଷା ଦ୍ୱାରା ପ୍ରାୟୋଜିତ 'ବିଭିନ୍ନ ବିଷୟସମୂହରେ ସାମାଜିକ ଲିଙ୍ଗ: ସାମ୍ପ୍ରତିକ ପ୍ରାସଙ୍ଗିକତା ଓ ଉଦୟମାନ ଆଲୋଚନା' (ଜେଣ୍ଡର୍ ଏକ୍ରସ୍ ଡିସିପ୍ଲିନ୍ସ) ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବକ୍ତା ଭାବେ ଟିସ, ମୁମ୍ବାଇର ପୂର୍ବତନ ପ୍ରଫେସର ବିଭୁତି ପଟେଲ, ଅତିଥି ଭାବେ ଇସ୍ପାତ ବିଦ୍ୟା ମନ୍ଦିର ଜୁନିଅର କଲେଜ, ରାଉରକେଲାର ପୂର୍ବତନ ଅଧ୍ୟକ୍ଷ ମୀନା ଶତପଥୀ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଡ. ଉମାଚରଣ ପତି ଯୋଗ ଦେଇଥିଲେ। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ଅପରାଜିତା ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହାସହିତ ବିଭିନ୍ନ ପ୍ଲେନାରି ଅଧିବେଶନରେ ପ୍ରଫେସର ସିକତା ପଣ୍ଡା, ପୂର୍ବତନ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଡ. ପ୍ରଭାତୀ ଡାଲୁଅ ସହକାରୀ ପ୍ରଫେସର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଡ. ହିରଣ୍ମୟୀ ମିଶ୍ର, ୟୁ.ଏନ୍ କଲେଜ, କଟକ, ଡ. ମୌସୁମୀ ପଟ୍ଟନାୟକ, ଶଶିବାଳା କଲେଜ ଏବଂ ରାଜ୍ୟରୁ ତଥା ରାଜ୍ୟବାହାରୁ ବହୁ ଶିକ୍ଷାବିତ୍, ଶିକ୍ଷକ ଓ ଗବେଷକ ଯୋଗଦେଇଥିଲେ। କର୍ମଶାଳାକୁ ଆସିଷ୍ଟାଣ୍ଟ ପ୍ରଫେସର ଡ. ବନିତା ମହାନନ୍ଦିଆ ଓ ଆସିଷ୍ଟାଣ୍ଟ ପ୍ରଫେସର ଶୁଭଲକ୍ଷ୍ମୀ ବୈଦାର ପରିଚାଳନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ ଏବଂ ବିଭାଗର ଶିକ୍ଷକ ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା ତଥା ଗବେଷକ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସଭାରେ ରାଜନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ବନିତା ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମହାବିଦ୍ୟାଳୟ ମନୋବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ

**ସମ୍ବଲପୁର, ୨୧।୩ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ 'ଏକବିଂଶ ଶତାବ୍ଦୀର ସମୃଦ୍ଧି : ସକାରାତ୍ମକ ମନସ୍ତତ୍ତ୍ୱ ଏବଂ ମାନସିକ ସ୍ୱାସ୍ଥ୍ୟ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସମ୍ବଲପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିକାଶରେ ସକାରାତ୍ମକ ଚିନ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗାଧ୍ୟକ୍ଷ ପ୍ରଫେସର ଅଜିତ ମହାନ୍ତି ଯୋଗଦାନ ଦେଇ ସମଗ୍ର ଜାଗତିକ ପରିବେଶକୁ ଯେଉଁ ହିଂସା ବିଦ୍ୱେଷ ସଂକ୍ରମିତ କରିଛି ସେଥିରୁ ମୁକ୍ତି ପାଇବା ପାଇଁ ସକାରାତ୍ମକ ଚିନ୍ତନ ଓ ଭାରତୀୟ ଜ୍ଞାନର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସମ୍ମାନର ଆବାହକ ଏବଂ ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହଆବାହକ ପ୍ରଫେସର ବେଣୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସିର ନିର୍ଦ୍ଦେଶକ ପଫେସର ରବୀନ୍ଦ୍ର ପାଣିଗ୍ରାହୀ ଗବେଷଣା କ୍ଷେତ୍ରରେ ଏଭଳି ସମ୍ମାନର ଆବଶ୍ୟକତା ସହ ଉପଲବ୍ଧି ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଫେସର ବିଷ୍ଣୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦ୍‌ଘାଟନୀ ଉତ୍ସବକୁ ସଂଯୋଜକ କରିଥିଲେ।

ଦ୍ୱିଦିବସୀୟ ସମ୍ମାନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେନ୍ଦ୍ର କୁମାର ସିଆ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଯଶୋବନ୍ତ ମହାପାତ୍ର, ଭୀମଭୋଇ ଭେଷଜ ମହାବିଦ୍ୟାଳୟ ମନୋଚିକିତ୍ସକ ପ୍ରଫେସର ଆଶୀର୍ବାଦ ଶତପଥୀ, ରାଞ୍ଚି ସ୍ନାୟୁମାନସିକ ଏବଂ ସହଯୋଗୀ ଚିକିତ୍ସା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅମୂଲ ରଞ୍ଜନ ସିଂହ, ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ମନୋବିଜ୍ଞାନୀ ଡ. ସୁନୀତା ମିଶ୍ର ତଥା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଆଲୋଚନାରେ ଭାଗ ନେଇ ଗବେଷଣାପତ୍ର ପାଠ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗିରସ୍ଥିତ ମନରୋଗ ବିଶେଷଜ୍ଞ ପ୍ରଫେସର ଆଶୀର୍ବାଦ ଶତପଥୀ ଯୋଗଦାନ କରିଥିଲେ। ସମ୍ମାନରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବାବେଳେ ୫୦ଟି ଗବେଷଣା ନିବନ୍ଧ ପ୍ରସ୍ତୁତ କରାଯାଇଥିଲା। ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଭସୌମ୍ୟା ପଟ୍ଟନାୟକ, ସମୀକ୍ଷା ପାଣିଗ୍ରାହୀ, ଅଧ୍ୟାପକ ଗୁରୁପ୍ରସାଦ ବାଗ ତଥା ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସମ୍ମାନ ଆୟୋଜନରେ ସହଯୋଗ କରିଥିଲେ।



# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର



**କୁଚିଣ୍ଡା, ୨୧।୩(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଥିଲା।ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡା ସଭାପତିତ୍ୱ କରିଥିଲେ।ଓଡିଆ ବିଭାଗ ଅଧ୍ୟାପକ ଡ଼ଃ ପ୍ରମୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ପୁଷ୍ପିତା କମାର 'ମାନବେତର ଗଳ୍ପ ମାଂସର ବିଳାପ' ଶୀର୍ଷକ ନିବନ୍ଧ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ଦୁତିକା ସାହୁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଶାନ୍ତ ପଟେଲ, କୁଚିଣ୍ଡା ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ସଞ୍ଜୁଶ୍ରୀ ସାହୁ, ରାଜନୀତିବିଜ୍ଞାନ ବିଭାଗ ମୁଖ୍ୟ ଡ଼ଃ ସୁଧାଂଶୁ ମହାପାତ୍ର, ଅଧ୍ୟାପକ ମନୋଜ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରର ଆବଶ୍ୟକତା ଉପରେ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷ ଛାତ୍ରୀ ବିନିତା ରଣା ଓ ନିକିତା ପ୍ରଧାନ ପରିଚାଳନା କରିଥିବାବେଳେ ଶେଷରେ ଅଧ୍ୟାପିକା ଡ଼ଃ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଗଜମତି କୁମୁରା, ଡ଼ଃ ସସ୍ମିତା ମିଞ୍ଜ, ଅଧ୍ୟାପକ ଗଣନାଥ ନାଏକଙ୍କ ସମେତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବୈରାଗୀ ଚରଣ ଜେନାଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୧।୩ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ବୈରାଗୀ ଚରଣ ଜେନା (୮୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।ତାଙ୍କ ବିୟୋଗ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଶୋକସଭାରେ ମତପ୍ରକାଶ ପାଇଥିଲା। ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭା ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ସାଧୁଚରଣ ପଣ୍ଡା, ନକୁଳ ଚୌଧୁରୀ, ଆଶୁତୋଷ ନାଏକ, ଦେବାନନ୍ଦ ଚୋପଦାର, ଅନ୍ତର୍ଯ୍ୟାମୀ ପଣ୍ଡା, ବାସନ୍ତୀ ବିଶ୍ୱାଳ, ନିହାର ରଞ୍ଜନ ଶତପଥୀ, ରତ୍ନଭୂଷଣ ପୁରୁଷେଠ, ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ମହେନ୍ଦ୍ର ମିଶ୍ର, ଭବାନୀ ପ୍ରସାଦ ସିଂହ, ସନ୍ତୋଷ କାନୁନଗୋ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିରରେ ସ୍ପ୍ରିଙ୍ଗ କ୍ୟାମ୍ପ



**ସମ୍ବଲପୁର, ୨୧।୩(ସମିସ):** ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର (ଆରଜିଭିଏମ)ରେ ପରୀକ୍ଷା ପରେ ଆୟୋଜିତ ସ୍ପ୍ରିଙ୍ଗ କ୍ୟାମ୍ପ ସଫଳ ଭାବେ ସମାପନ ହୋଇଛି। ସ୍କୁଲର ଅଧ୍ୟକ୍ଷା ଶାଲୁ ଚାଣ୍ଡେଲଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ କେବଳ ପୁସ୍ତକ ଜ୍ଞାନ ବାହାରେ ବ୍ୟାବହାରିକ ଜୀବନ ଅଭିଜ୍ଞତା ସହିତ ସଂଯୋଗ କରିବା। ରଞ୍ଜନା ଚାଟାର୍ଜୀ, ହେମାଙ୍ଗିନୀ ଜୋଶୀ ଏବଂ ସିମରନ କ୍ୟାମ୍ପକୁ ପରିଚାଳନା କରିଥିଲେ। କ୍ୟାମ୍ପରେ ପିଲାମାନେ ପୁରୁଣା ଖବରକାଗଜ ବ୍ୟବହାର କରି 'ଇକୋ-ବ୍ୟାଗ୍' ତିଆରି କରିବା ଶିଖିଥିଲେ, ଯୋଗ ଏବଂ ଧ୍ୟାନ ମାଧ୍ୟମରେ ମାନସିକ ଏକାଗ୍ରତା ଅଭ୍ୟାସ କରିଥିଲେ। ଶେଷ ଦିନରେ, ଛାତ୍ରଛାତ୍ରୀମାନଙ୍କୁ ସମ୍ବଲପୁର ଚିଡ଼ିଆଖାନାକୁ ଏକ ଭ୍ରମଣରେ ନିଆଯାଇଥିଲା, ଯେଉଁଠାରେ ସେମାନେ ବନ୍ୟପ୍ରାଣୀ ଏବଂ ପରିବେଶ ସମ୍ବନ୍ଧୀୟ ମୂଲ୍ୟବାନ ସୂଚନା ସଂଗ୍ରହ କରିଥିଲେ। ସମାପନୀ ସମାରୋହରେ, ପ୍ରିନ୍ସିପାଲ୍ ଶାଲୁ ଚାଣ୍ଡେଲ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

# ସମଲେଶ୍ୱରୀ ମନ୍ଦିରରେ ଦୁଲ୍‌ଦୁଲି ପ୍ରତିଯୋଗିତା

**ସମ୍ବଲପୁର, ୨୧।୩ (ସମିସ):** ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲୋକସଂସ୍କୃତିମୂଳକ ଅଭିଯାନ ଦୁଲ୍‌ଦୁଲି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ -ପଶ୍ଚିମ ଓଡ଼ିଶାର ପାରମ୍ପରିକ ଦୁଲ୍‌ଦୁଲି ବାଦ୍ୟକଳାକୁ ସୁରକ୍ଷିତ ରଖିବାସହ ପ୍ରଚାରପ୍ରସାର କରିବା। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଦୁଲ୍‌ଦୁଲି ଦଳ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରେ କୁଞ୍ଜିରିକେଲା (ସୁନ୍ଦରଗଡ଼)ର ମାଁ ସମଲେଶ୍ୱରୀ ଦୁଲ୍‌ଦୁଲି, ଲଖନପୁର (ଝାରସୁଗୁଡ଼ା)ର ମାଁ ତାରିଣୀ ଦୁଲ୍‌ଦୁଲି, ବାଗଡ଼ିଆ (ବଲାଙ୍ଗୀର)ର ମାଁ ମାହେଶ୍ୱରୀ ଦୁଲ୍‌ଦୁଲି, ମିର୍ଗାମୁଣ୍ଡା (ସମ୍ବଲପୁର)ର ମାଁ ଦୁର୍ଗା ଦୁଲ୍‌ଦୁଲି, ଅଇଁଲାପାଲି (ସମ୍ବଲପୁର)ର ମାଁ ସମଲେଶ୍ୱରୀ ଦୁଲ୍‌ଦୁଲି, ବାଉଁସେନମୁରାର ପିଣ୍ଟୁ ମେଲୋଡି ଓ ମହେଶ୍ୱର ଦୁଲ୍‌ଦୁଲି, ସମ୍ବଲପୁରର ବିଦ୍ୟାଧର ଦୁଲ୍‌ଦୁଲି ଏବଂ ଖଳିଆବନ୍ଧର ନେପାଳ ଦୁଲ୍‌ଦୁଲି ଦଳ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ମାଁ ତାରିଣୀ ଦୁଲ୍‌ଦୁଲି, ବଲାଙ୍ଗୀର ପ୍ରଥମ, ମାଁ ଦୁର୍ଗା ଦୁଲ୍‌ଦୁଲି, ମିର୍ଗାମୁଣ୍ଡା ଦ୍ୱିତୀୟ ଏବଂ ବିଦ୍ୟାଧର ଦୁଲଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ଓ ୫ ହଜାର ଟଙ୍କା ପୁରସ୍କାର ରାଶି ଟ୍ରଷ୍ଟ ବୋର୍ଡ ତରଫରୁ ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଦଳକୁ ପ୍ରୋତ୍ସାହନ ରାଶି ସହ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇଥିଲା।

ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ପରିଚାଳନା କରିଥିଲେ। ଅତିଥି ଭାବେ ଡ. ଶ୍ୟାମ ସୁନ୍ଦର ଧର ଓ ହେମନ୍ତ ମହାପାତ୍ର କଳାକାରଙ୍କୁ ଉତ୍ସାହିତ କରିଥିଲେ। କପିଳେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ବାଗ ଓ ରଞ୍ଜନ ସାହୁଙ୍କୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି, ଦୁଲ୍‌ଦୁଲି ଭଳି ପାରମ୍ପରିକ ବାଦ୍ୟ କଳା ଆଜିର ଆଧୁନିକ ଯୁଗରେ ଧୀରେ ଧୀରେ ଅସ୍ତିତ୍ୱ ହରାଇବାକୁ ବସିଛି। ଏପରି ପ୍ରତିଯୋଗିତା ମାଧ୍ୟମରେ ନୂତନ ପିଢ଼ୀଙ୍କୁ ଏହି କଳା ପ୍ରତି ଆକର୍ଷିତ କରାଯାଇପାରିବ ଓ ଲୋକସଂସ୍କୃତିର ଅମୂଲ୍ୟ ଐତିହ୍ୟକୁ ସୁରକ୍ଷିତ ରଖିବା ସମ୍ଭବ ହେବ।



# 'ବନମାଳୀ ବାବୁ ସାଲିସ ବିହୀନ ରାଜନେତା ଥିଲେ'



**ସମ୍ବଲପୁର, ୨୧।୩ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବନମାଳୀ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରାକ୍ତନ ସାଂସଦ ଭବାନୀ ଶଙ୍କର ହୋତା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଶ୍ରୀ ହୋତା ତାଙ୍କ ବକ୍ତବ୍ୟରେ ରାଜନୀତିରେ ନୀତି ଓ ନୈତିକତା ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସ୍ଖଳନ ଚିନ୍ତାର ବିଷୟରେ ପରିଣତ ହୋଇଛି। ବନମାଳି ବାବୁ ନିଜେ ଜଣେ ବିଶାଳ ଅନୁଷ୍ଠାନ ଏବଂ ପ୍ରଚଣ୍ଡ ସ୍ୱାଭିମାନୀ ବ୍ୟକ୍ତି ଭାବରେ ଜନସ୍ୱାର୍ଥ ପ୍ରସଙ୍ଗରେ ସାଲିସ କରୁନଥିଲେ ବୋଲି ଶ୍ରୀ ହୋତା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର କହିଲେ ଯେ, ବନମାଳୀ ବାବୁ ସାଧୁତା ଓ ସଚ୍ଚୋଟତା ପାଇଁ ରାଜନୀତିରେ ବିରଳ ବ୍ୟତିକ୍ରମ ଥିଲେ ବୋଲି କହିଥିଲେ। ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ପାଢ଼ୀ କହିଲେ ଯେ, କଂଗ୍ରେସର ଇତିହାସରେ ଅନେକ ଉତ୍ଥାନପତନ ହୋଇଛି। ହେଲେ ସ୍ୱର୍ଗତ ବାବୁ ଦଳ ନଛାଡ଼ି ଆଜୀବନ କଂଗ୍ରେସରେ ରହି ରାଜନୀତିରେ ଉତ୍କୃଷ୍ଟ ବ୍ୟକ୍ତିତ୍ୱର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଧ୍ୟାପକ ଅଶ୍ୱନୀ ବାରିକଙ୍କ ଦ୍ୱାରା ଲିଖିତ ଓ ନୃସିଂହ ଗୁରୁ ସ୍ମୃତି ସମିତି ପ୍ରକାଶିତ ପୁସ୍ତକ 'ନୃସିଂହ ଗୁରୁ : ଜୀବନ ଓ ବ୍ରତ' ଉନ୍ମୋଚିତ ହୋଇଥିଲା। ଶେଷରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟଟନର ବିକାଶ କେବଳ ଘୋଷଣାରେ ସୀମିତ: ରୋହିତ

**ସମ୍ବଲପୁର, ୨୧।୩ (ସମିସ)**

ରାଜ୍ୟ ସରକାରଙ୍କ ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟଟନର ବିକାଶ କେବଳ ଘୋଷଣାରେ ସୀମିତ ରହିଯାଉଛି ଏବଂ ଅବହେଳିତ ହୋଇ ରହୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ବିଜୁ ଜନତା ଦଳ ସହିତ ବିଜେପି ମଧ୍ୟ ନିଜର ନିର୍ବାଚନୀ ପ୍ରତିଶ୍ରୁତିରେ ସମ୍ବଲପୁର ଠାରେ ମହାନଦୀ ରିଭର୍‌ଫ୍ରଣ୍ଟ ବିକାଶ କରାଯିବାର କଥା ଉଲ୍ଲେଖ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଆସିବା ପରେ ସରକାର ବିଭିନ୍ନ ସମୟରେ ମହାନଦୀ ରିଭର୍‌ଫ୍ରଣ୍ଟ ବିକାଶ କରାଯିବା କଥା କହିଛନ୍ତି। କିନ୍ତୁ ଗତକାଲି ଲୋକସେବା ଭବନ, ଭୁବନେଶ୍ୱରଠାରେ ଆୟୋଜିତ ମହାନଦୀ ରିଭର୍‌ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା ବୈଠକରେ କେବଳ କଟକସ୍ଥିତ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କରାଯାଇଥିବା ବେଳେ ପ୍ରତିଶ୍ରୁତି ଏବଂ ଘୋଷଣା ସତ୍ତ୍ୱେ ସମ୍ବଲପୁର ମହାନଦୀଠାରେ ହେବାକୁ ଥିବା ପ୍ରକଳ୍ପର କଥା ଭୁଲିଯିବା ସମ୍ବଲପୁରବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ। ୨୦୨୫ରୁ ଏହି ପ୍ରକଳ୍ପ ଘୋଷଣା ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ କିମ୍ବା କୌଣସି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ।

ଶ୍ରୀ ପୂଜାରୀ ଉଲ୍ଲେଖ କରିଛନ୍ତି ଯେ ସେ ରେଢ଼ାଖୋଲ ବିଧାୟକ ଥିବା ସମୟରେ ୨୦୧୫ ମସିହାରୁ ରେଢ଼ାଖୋଲ ଠାରେ ଏକ ସୁନ୍ଦର ଇକୋ ପାର୍କର ପରିକଳ୍ପନା କରି ବ୍ୟକ୍ତିଗତ ଭାବରେ ବହୁ ଚେଷ୍ଟାକରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ୯ ଏକର ୪୦ ଡିସିମିଲ ପରିମିତ ଏବଂ ୨ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨୦୨୩ ମସିହା ଜାନୁୟାରୀ ମାସରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ବହୁ ପ୍ରତିକ୍ଷିତ ଏବଂ ଅତ୍ୟନ୍ତ ସୁନ୍ଦର ଇକୋ ପାର୍କର ଲୋକାର୍ପଣ କରାଯାଇଥିଲା, ଯେଉଁ ପାର୍କ କି ପଶ୍ଚିମ ଓଡ଼ିଶାର ଏକ ନମ୍ବର ପାର୍କ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ସେଠାରେ ଜନସାଧାରଣଙ୍କ ଚିତ୍ତବିନୋଦନ, ବୁଲିବା ପାଇଁ ବହୁ ପ୍ରକାର ସୁବିଧା ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଥିଲା, ଏହାସହ ପରବର୍ତ୍ତୀ ସମୟରେ ସେଠାରେ ଇକୋ କଟେଜ୍ ନିର୍ମାଣ କରି ଇକୋ ରିସର୍ଟରେ ପରିଣତ କରିବାର ପରିକଳ୍ପନା କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା। କିନ୍ତୁ ପରିତାପର ବିଷୟ ଏହା ଯେ ନୂତନ ସରକାର ଆସିବାପରେ ଉକ୍ତ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇସାରିଲାଣି। ଯଦି ସରକାରଙ୍କ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପ୍ରତି ଆନ୍ତରିକତା ଥାଆନ୍ତା ତେବେ ଏଭଳି ଏକ ସୁନ୍ଦର ପ୍ରତିକ୍ଷିତ ଇକୋ ପାର୍କର ଅବସ୍ଥା ଏତେ ଜରାଜୀର୍ଣ୍ଣ ନଥାନ୍ତା। ଅନୁରୂପ ଭାବେ ବିଗତ ବିଜେଡି ସରକାର ସମୟରେ ରେଢ଼ାଖୋଲ ଠାରେ ଟାଉନ ହଲ୍ ଉଦ୍‌ଘାଟିତ ହୋଇସାରିଥିଲେ ମଧ୍ୟ ଏବଂ ଯାଯାବର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ, ରେଢ଼ାଖୋଲର ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ପୁନର୍ବାର ବ୍ୟୟ ଅଟକଳ ଅନୁମୋଦିତ ହୋଇଥିବାବେଳେ ବିଜେପି ସରକାର ଆସିବାର ଦୁଇବର୍ଷ ହେବାକୁ ଯାଉଥିବାବେଳେ ପୂର୍ବୋକ୍ତ ପ୍ରକଳ୍ପ ଗୁଡ଼ିକ ଲୋକାର୍ପିତ ହୋଇପାରୁନାହିଁ କିମ୍ବା ଜନସାଧାରଣଙ୍କ ବ୍ୟବହାରରେ ଆସିପାରୁନାହିଁ।

ସରକାର ଯଦି ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ପ୍ରତି ଖାମଖିଆଲି ମନୋଭାବ ରଖିବେ ତେବେ ଆଗାମୀ ଦିନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବାକୁ ପଛାଇବେ ନାହିଁ। ଏହାସହ କିଭଳି ଭାବରେ ଯଥାଶୀଘ୍ର ସମ୍ବଲପୁରଠାରେ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ଏବଂ ରେଢ଼ାଖୋଲସ୍ଥିତ ଇକୋ ପାର୍କର ପୁନଃ ସୌନ୍ଦର୍ଯ୍ୟକରଣ କରାଯାଇ ଜନସାଧାରଣ ଏହାର ଲାଭ ଉଠାଇ ପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ଶ୍ରୀ ପୂଜାରୀ ଦାବି ଜଣାଇଛନ୍ତି।

## ମନମାଷ୍ଟ୍ରେ ପାଇବେ 'ନାଟ୍ୟକଳା ସମ୍ମାନ'

**ସମ୍ବଲପୁର, ୨୧।୩ (ସମିସ):** ସମ୍ବଲପୁରର ସର୍ବପୁରାତନ ନାଟ୍ୟସଂସ୍ଥା ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ପ୍ରଦାନ କରାଯାଉଥିବା 'ନାଟ୍ୟକଳା ସମ୍ମାନ' ଲାଗି ଚଳିତବର୍ଷ



ସକାଶେ ବର୍ଷୀୟାନ ନାଟ୍ୟାଭିନେତା ମନୋରଞ୍ଜନ ସାହୁ (ମନ ମାଷ୍ଟ୍ରେ)ଙ୍କୁ ଅନଷ୍ଠାନ ପକ୍ଷରୁ ଚୟନ କରାଯାଇଛି। ପ୍ରତିବର୍ଷ ପରିଷଦ ପକ୍ଷରୁ ପାଳିତ ହୋଇ ଆସୁଥିବା ବିଶ୍ୱନାଟ୍ୟ ଦିବସ ଉତ୍ସବ ଅବସରରେ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ନାଟ୍ୟ ପ୍ରତିଭାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଆସନ୍ତା ମାର୍ଚ୍ଚ ୨୭ ତାରିଖରେ ପରିଷଦ ପକ୍ଷରୁ ପାଳିତ ହେବାକୁ ଥିବା ବିଶ୍ୱନାଟ୍ୟ ଦିବସ ସଭାରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ନାଟ୍ୟକଳା ପରିଷଦର ସଭାପତି ଡଃ ସୁରୁବାବୁ ମେହେର ଓ ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା ସୂଚନା ଦେଇଛନ୍ତି।

## ଶହେ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୨୧।୩(ସମିସ):** ସଦର ଅବକାରୀ ରେଞ୍ଜ ପକ୍ଷରୁ ଚଢଉ କରି ବେଆଇନ କଫ ସିରପ୍ ଜବତ କରାଯାଇ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଧନୁପାଲି ଥାନା ନକ୍ସାପାଲିର ଗୋପିନାଥ ନାଏକ(୨୯)। ଅବକାରୀ ଅଭିଯୁକ୍ତ ନିକଟରୁ ଶହେ ବୋତଲ କଫ ସିରପ୍ ଜବତ କରିଛି। ଏହା ସହ ଏକ ବାଇକ(ଓଡି୧୫ଜେ୭୦୨୬) ଓ ମୋବାଇଲ ଫୋନ ଜବତ କରିଛି। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରେସ କ୍ଲବ୍ ପକ୍ଷରୁ ଦେବଦତ୍ତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୧।୩ (ସମିସ) :** ସମ୍ବଲପୁରର ପ୍ରଥମ ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କୁ ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ସଦସ୍ୟମାନେ ଶୋକସଭାରେ ଭାଗ ନେଇଥିଲେ। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟମାନେ ସ୍ମୃତିଚାରଣ କରି କହିଲେ ଯେ, ଉଚ୍ଚ ଶିକ୍ଷିତ ଏବଂ ପ୍ରତିଷ୍ଠିତ ପରିବାରର ହୋଇଥିବା ସତ୍ତ୍ୱେ ଶ୍ରୀ ପଣ୍ଡା ଫଟୋଗ୍ରାଫିକୁ ନିଜର ଜୀବିକା କରିଥିଲେ। ସେ ସମ୍ବଲପୁର ପ୍ରେସ କ୍ଲବର କୋଷାଧ୍ୟକ୍ଷ ମଧ୍ୟ ଥିଲେ। ଗଣମାଧ୍ୟମରେ ଫଟୋର ଗୁରୁତ୍ୱ ରହିଥିବା ସମୟରେ ସେ ଫଟୋ ସାମ୍ବାଦିକ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଥିଲେ ବୋଲି ସ୍ମୃତିଚାରଣ କରିବାସହ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ହୀରାକୁଦ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

**ସମ୍ବଲପୁର, ୨୧।୩ (ସମିସ) :** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର କଣ୍ଢେଇ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦିବା ପର୍ଯ୍ୟାୟ ପ୍ରମୁଖ ବୈକୁଣ୍ଠ ନାଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁଙ୍କ ଶିକ୍ଷାଦାନରେ କଣ୍ଢେଇ ଖେଳ ଏକ ଅଙ୍ଗ ହୋଇ ତାଙ୍କର ଆଗ୍ରହ କିପରି ସୃଷ୍ଟି କରିପାରୁଛି କହିଥିଲେ। ଶିଶୁ ବାଟିକା ପ୍ରମୁଖ ସୁଶାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ ଓ କଣ୍ଢେଇ ଦିବସ ବିଷୟରେ ଆଲୋଚନା କରିଥିଲେ। ଗୁରୁମା ମମତା ଗୌଡ଼ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁଜୀ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସରୋଜିନୀ ପଣ୍ଡା ବୌଦ୍ଧିକ ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଢେଇ ନାଚ ଓ କଣ୍ଢେଇ ପ୍ରଦର୍ଶନୀ ହୋଇଥିଲା। ଗୁରୁମା ଗୀତାଞ୍ଜଳି ଆଚାର୍ଯ୍ୟ, ପ୍ରିୟଙ୍କା ଜେନାଙ୍କ ସମେତ ଅନ୍ୟ ଗୁରୁଜୀ ଗୁରୁମାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗଣ୍ଡାବାଜାକୁ ବିଭିନ୍ନ ନାମରେ ନାମିତ କରିବାକୁ ବିରୋଧ

**ସମ୍ବଲପୁର, ୨୧।୩ (ସମିସ):** ଗଣ୍ଡା ବାଜାକୁ ବିଭିନ୍ନ ନାମରେ ନାମିତ କରିବ ବିକୃତ କରିବାକୁ ବିରୋଧ କରିଛି ଗଣ୍ଡା ସମାଜ କଲ୍ୟାଣ ପରିଷଦ। ମ୍ୟୁନିସିପାଲିଟି ଛକ ନିକଟସ୍ଥ ଆଜି ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଷଦ ଅଧ୍ୟକ୍ଷ ନିହାଲ ସିଂ କହିଛନ୍ତି ଯେ, ଗଣ୍ଡା ବାଜାର ଏକ ସ୍ୱତନ୍ତ୍ରତା ରହିଛି। କିଛି ଖଳ ପ୍ରକୃତିର ଲୋକ ଗଣ୍ଡା ବାଜାକୁ ଅନ୍ୟ ନାମରେ ନାମିତ କରି ଏହାର ପ୍ରକୃତ ପରିଚୟକୁ ବିକୃତ କରିବାକୁ ଚେଷ୍ଟା କରୁଛନ୍ତି। ଆବହମାନ କାଳରୁ ଗଣ୍ଡା ସଂସ୍କୃତି ସହ ଜଡ଼ିତ ଏହି ବାଜାକୁ ତା'ର ନିଜସ୍ୱ ନାମରେ ହିଁ ସ୍ୱୀକୃତି ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି। ଏହି ପାରମ୍ପରିକ କଳା ଓ ସଂସ୍କୃତିକୁ ଯଦି ସଠିକ୍ ସମ୍ମାନ ନ ମିଳେ, ତେବେ ଗଣ୍ଡା ସମାଜ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ସମ୍ବଲପୁରୀ ଭାଷା ଓ ସଂସ୍କୃତିର ସୁରକ୍ଷା ସହ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ ଶ୍ରୀ ସିଂ ଦାବି ଜଣାଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ପୁରନ୍ଦର ସୁନା, ଉପସଭାପତି ରାମକୃଷ୍ଣ ଶାସନୀ, ସଂଗଠନ ସମ୍ପାଦିକା ପିଙ୍କି ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତ୍ନତତ୍ତ୍ୱବିତ୍ ଡ.ଅତୁଲ ଓ ଛାତ୍ରଙ୍କ ସର୍ବେକ୍ଷଣ

# ରେଢ଼ାଖୋଲ ଅଞ୍ଚଳରୁ ମିଳିଲା ପ୍ରାଚୀନ ଲୁହା ଶିଳ୍ପର ବଳିଷ୍ଠ ପ୍ରମାଣ

**ରେଢ଼ାଖୋଲ, ୨୧।୩(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ହାତୀଧାରା ବନାଞ୍ଚଳରେ ଥିବା ଛତାଗଡ଼ ପାହାଡ଼ର ତଳ ଅଞ୍ଚଳରେ ସାମ୍ପ୍ରତିକ ଅନୁସନ୍ଧାନରୁ ଆବିଷ୍କୃତ ହୋଇଛି ପ୍ରାଚୀନ ଲୁହା ଶିଳ୍ପର ବଳିଷ୍ଠ ପ୍ରମାଣ।ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ତଥା ପ୍ରତ୍ନତତ୍ତ୍ୱବିତ୍ ଡ.ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗବେଷକ ସମ୍ବିତ ମେସୁଆଙ୍କ ସହିତ ରମେଶ ପ୍ରସାଦ ସ୍ୱାଇଁ, ପ୍ରସନ୍ନ କୁମାର ପ୍ରଧାନ, ଅଜୟ କୁମାର ସାହୁ ଏବଂ ଅରୁଣ କୁମାର ପ୍ରଧାନ ସର୍ବେକ୍ଷଣରେ ସାମିଲ ହୋଇଥିଲେ। ଏହି ଆବିଷ୍କୃତ ଉପାଦାନ ଭାରତର ପାରମ୍ପରିକ ଜ୍ଞାନ ପରମ୍ପରା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ପ୍ରକାଶ କରେ ସର୍ବେକ୍ଷଣରୁ ଲୁହା ତିଆରି କରାଯାଉଥିବା ସ୍ଥାନ, ଲୁହା ଚୁଲି, ଲୁହା ମଳ ଏବଂ ମାଟି ନଳ ଆବିଷ୍କୃତ ଦ୍ୱାରା ଏହା ସ୍ଥାନୀୟ ପରିବେଶଗତ ଜ୍ଞାନ ଏବଂ ଏକ ଅତ୍ୟନ୍ତ ବିକଶିତ ଧାତୁବିଦ୍ୟା ପରମ୍ପରାକୁ ପ୍ରତିଫଳିତ କରୁଛି। ଏହା ସୂଚାଇ ଦିଏ ଯେ ଏହି ଅଞ୍ଚଳ ଦେଶ ଏବଂ ଦେଶ ବାହାରେ ଥରେ ପାରମ୍ପରିକ ଲୁହା ଉତ୍ପାଦନର କେନ୍ଦ୍ର ଭାବରେ ସମୃଦ୍ଧ ହୋଇଥିଲା। ଭାରତୀୟ ପାରମ୍ପରିକ ଜ୍ଞାନର ଢାଞ୍ଚା ମଧ୍ୟରେ ଏହି ଧାତୁ ବିଜ୍ଞାନ ଅଭ୍ୟାସ ପ୍ରାକୃତିକ ସମ୍ପଦ ବ୍ୟବହାର, ଅଭିଜ୍ଞତାମୂଳକ ପରୀକ୍ଷଣ ଏବଂ ପରପିଢ଼ିଗତ ଜ୍ଞାନ ପ୍ରସାରଣର ସୁସଙ୍ଗତ ସମନ୍ୱୟକୁ ଉଦାହରଣ ଦିଏ ଓ ସ୍ଥାନୀୟ ପାହାଡ଼ରୁ ଉତ୍ପନ୍ନ ଲୁହା ଖଣିଜକୁ ଉନ୍ନତ ବୈଜ୍ଞାନିକ ମାଧ୍ୟମରେ ଜ୍ଞାନ କୌଶଳ ବ୍ୟବହାର କରି ଉନ୍ନତମାନର ଲୁହା ବାହାର କରିବା ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତାର ଏକ ସୂଚକ ଅଟେ। ମୌଖ ପରମ୍ପରା ଏବଂ



ସ୍ଥାନୀୟ କାହାଣୀରୁ ଜଣାଯାଏ ଯେ ଏହି ଲୁହା ଦୀର୍ଘ-ଦୂର ବାଣିଜ୍ୟ ବ୍ୟବସାୟର ମୁଖ୍ୟ ଭୂମିକା ଗ୍ରହଣ କରୁଥିଲା ତେଣୁ ଏହି ଅଞ୍ଚଳରୁ ଲୁହା ଆଫଗାନିସ୍ତାନ ଭଳି ଦୂର ଦେଶରେ ପହଞ୍ଚିଥିବା କିଛି ରିପୋର୍ଟ କରାଯାଇଛି। ଏପରି ବିବରଣୀ କେବଳ ପ୍ରଯୁକ୍ତିବିଦ୍ୟା ଦକ୍ଷତା ନୁହେଁ ବରଂ ପାରମ୍ପରିକ ଭାରତୀୟ ପ୍ରଣାଳୀ ମଧ୍ୟରେ ସନ୍ନିହିତ ଅର୍ଥନୈତିକ ଏବଂ ସାଂସ୍କୃତିକ ସଂଯୋଗକୁ ମଧ୍ୟ ଉଜ୍ଜ୍ୱଳ କରିଥାଏ ଓ ଏଥିରେ ଲୁହାପଙ୍କ ପଞ୍ଚାୟତରେ ବେତଗଡ଼ ସ୍ଥାନର ଅନୁସନ୍ଧାନ ଏହି ଦୃଷ୍ଟି କୋଣକୁ ଆହୁରି ମଜବୁତ କରେ। ଆଜି ବି ବଟବୃକ୍ଷ ତଳେ ଲୁହା ମଳ, ଖଣ୍ଡ ଏବଂ କୋଇଲା ଆଧାରିତ ତରଳାଇବାର ଉପସ୍ଥିତି ସାମାଜିକ ଏବଂ ଆନୁଷ୍ଠାନିକ ପରିପ୍ରେକ୍ଷୀରେ ପ୍ରଯୁକ୍ତିର ସନ୍ନିହିତତାକୁ ପ୍ରତିଫଳିତ କରେ। ଲୁହା ଉତ୍ପାଦନରେ କୁମ୍ଭାରା ସମ୍ପ୍ରଦାୟର ସମ୍ପୃକ୍ତି ଏହି ପ୍ରଥା ଗୁଡ଼ିକୁ ବଜାୟ ରଖିବାରେ ବିଶେଷ ବଂଶାନୁକ୍ରମିକ ଜ୍ଞାନ ବ୍ୟବସ୍ଥାର ଭୂମିକାକୁ ଗୁରୁତ୍ୱ ଦିଏ ଓ ଏହି ତଥ୍ୟଗୁଡ଼ିକ ସାମୂହିକ ଭାବରେ ଦର୍ଶାଉଛି ଯେ ପଶ୍ଚିମ ଓଡ଼ିଶାର ରେଢ଼ାଖୋଲ ଅଞ୍ଚଳ ଭାରତର ସ୍ୱଦେଶୀ ଧାତୁବିଦ୍ୟା ଐତିହ୍ୟର ଏକ ସମୃଦ୍ଧ ଭଣ୍ଡାର ଓ ଏହିପରି ଅବଶେଷର ବ୍ୟାପକ ଉପସ୍ଥିତି ନିଶ୍ଚିତ କରେ ଯେ ପାରମ୍ପରିକ ଲୁହା ତିଆରି ଏକ ବ୍ୟାପକ, ସୁଦୃଢ଼ ଜ୍ଞାନ ବ୍ୟବସ୍ଥାର ଏକ ଅଂଶ ଥିଲା ଓ ତେଣୁ ଏହି ସ୍ଥାନ ଗୁଡ଼ିକର ସର୍ଭେ କେବଳ ପ୍ରତ୍ନତାତ୍ତ୍ୱିକ ବୁଝାମଣାରେ ଅବଦାନ ରଖେ ନାହିଁ ବରଂ ଭାରତର ସ୍ୱଦେଶୀ ପାରମ୍ପରିକ ଜ୍ଞାନ ପ୍ରଣାଳୀକୁ ସଂରକ୍ଷଣ ଏବଂ ଚିହ୍ନଟ କରିବାର ଗୁରୁତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରେ, ଯାହା ସ୍ଥାୟୀ ଅଭ୍ୟାସ, ବୈଜ୍ଞାନିକ ଚତୁରତା ଏବଂ ସାଂସ୍କୃତିକ ନିରନ୍ତରତାକୁ ପ୍ରତିପାଦିତ କରୁଛି।

## ସମ୍ବଲପୁରରେ ଇଦ୍ ପାଳନ



**ସମ୍ବଲପୁର, ୨୧।୩ (ସମିସ) :** ସମ୍ବଲପୁର ସହରରେ ମୁସଲମାନ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ପର୍ବ ଇଦ୍ ହର୍ଷଉଲ୍ଲାସର ସହିତ ପାଳିତ ହୋଇଯାଇଛି। ସମଗ୍ର ବିଶ୍ୱ ତଥା ସମାଜକୁ ଭାଇଚାରାର ବାର୍ତ୍ତା ପ୍ରଦାନ କରୁଥିବା ଇଦ୍ ପର୍ବ ପାଇଁ ଆଜି ସମ୍ବଲପୁରର ସମସ୍ତ ମସଜିଦ ଏବଂ ଇଦଗା ଗୁଡ଼ିକରେ ସ୍ୱତନ୍ତ୍ର ସାମୂହିକ ନମାଜ ପାଠ ଆୟୋଜନ କରାଯାଇଥିଲା। ସକାଳୁ ସମସ୍ତେ ସାମୂହିକ ନମାଜ ପାଠରେ ଭାଗ ନେଇଥିଲେ। ପ୍ରାୟ ୩୦ଦିନ ଧରି ମୁସଲିମ ସମ୍ପ୍ରଦାୟର ଲୋକମାନେ ରୋଜା ପାଳନ କରିଥାନ୍ତି। ଏହାପରେ ଇଦ୍ ପର୍ବ ପାଳନ କରାଯାଇଥାଏ। ଏହି ଅବସରରେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସହରର ସାକ୍ଷୀପଡ଼ାଠାରେ ଥିବା ଇଦଗାହାରେ ସାମୁହିକ ନମାଜ ପାଠରେ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୁସଲମାନ ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିବା ଦେଖାଯାଇଥିଲା।

## ବାମରାରେ ଧୂମଧାମରେ ଇଦ୍ ପାଳିତ



**କୁଚିଣ୍ଡା, ୨୧।୩(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରାରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଭାଇଚାରାର ଏହି ପର୍ବରେ ମୁସଲମାନ ଭାଇ ମାନେ ଏକାଠି ହୋଇ ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱ ଶାନ୍ତି ପାଇଁ ସମୂହ ପ୍ରାର୍ଥନା କରିଛନ୍ତି। ରମଜାନ ମାସର ଶେଷ ସନ୍ଧ୍ୟାରେ ଚାନ୍ଦ ଦେଖିବା ପରେ ଆଜି ଇଦ ପାଳନ ହୋଇଛି। ବାମରା ଷ୍ଟେସନବସ୍ତିସ୍ଥିତ ନୁରୀ ଜମା ମସଜିଦ ଓ ସିସାଲ୍‌ଫାର୍ମପଡ଼ା ସ୍ଥିତ ୟାସିନ ମସଜିଦରେ ସକାଳେ ସାମୂହିକ ନମାଜ ପାଠ ଆୟୋଜିତ ହେବା ପରେ ସେମାନେ ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗୋଟିଏ ମାସ ରୋଜା ରଖିବା ପରେ ଆଜି ସବୁ ମୁସଲିମ ଭାଇ ଭଉଣୀମାନେ ଇଦ-ଉଲ-ଫିତର ପାଳନ କରୁଛନ୍ତି। ମୁସଲମାନ ଭାଇ ଭଉଣୀମାନେ ନୂଆ ପୋଷାକ ପିନ୍ଧି ସମୂହ ଇଦ ନମାଜ ପାଠ କରି ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା।ସାରା ବିଶ୍ୱ ଯୁଦ୍ଧ ଆତଙ୍କରେ ଥିବା ବେଳେ ଯୁଦ୍ଧ ବନ୍ଦ ହେବା ସହ ଶାନ୍ତି ବଜାୟ ରଖିବା ପାଇଁ ସମୂହ ପ୍ରାର୍ଥନା ଆୟୋଜନ କରାଯାଇଥିଲା। କମିଟି ସମ୍ପାଦକ ମହମ୍ମଦ ଅକତର, ସହ ସମ୍ପାଦକ ମୁନା ଖାନ, ମହମ୍ମଦ ଅଜଗର, ସମିଉଦିନ ଖାନ, ସେକ ଅହମଦ, ମହମ୍ମଦ ନସରତ, ୟୁସୁଫ ଖାନ, ଅସଫାକ ଖାନ, ଆରମାନ ଖାନ, ମହମ୍ମଦ ସୋୟବ, ସେକ୍ ଜାବେଦ, ମହମ୍ମଦ ଅସଲମ ଓ ଫଣ୍ଟୁସ ଖାନଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭେଡେନ ଉପରପଡ଼ା ନାମଯଜ୍ଞର ୫୦ବର୍ଷ ପୂର୍ତ୍ତି

## ୫୬ପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ

**ଭେଡେନ, ୨୧।୩(ସମିସ):** ଭେଡେନ ଉପର ପଡ଼ା ଠାରେ ଅନୁଷ୍ଠିତ ନାମଯଜ୍ଞର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ୫୬ପ୍ରହର ନାମଯଜ୍ଞ, ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ



ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଆସନ୍ତା ୨୬ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜକ ଭାବେ ପଣ୍ଡିତ ରାଜ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ସହଯୋଗୀ ଭାବେ ଆକାଶ ନନ୍ଦ, ସୁରୁ ନନ୍ଦ ଦାୟିତ୍ୱ ତୁଲାଇଥିଲେ। ପୂଜାରେ କର୍ତ୍ତା ଭାବେ ତୁଷାରକାନ୍ତ ମିଶ୍ର ଓ ପ୍ରିୟଙ୍କା ଦାସ, ଜୟନାରାୟଣ ମେହେର ଓ ପୂର୍ଣ୍ଣିମା ମେହେର, ଲିଙ୍ଗରାଜ ମେହେର ଓ ବାସନ୍ତୀ ମେହେର, ନିମାଇଁ ଚରଣ ମେହେର ଓ ପ୍ରେମସିଲା ମେହେର, ତରଣୀ ମେହେର ଓ ତିଲୋତ୍ତମା ମେହେର, ହେମନ୍ତ ଅଦାବର ଓ ଚିନ୍ଦାମଳି ଅଦାବର, ସତ୍ୟପ୍ରକାଶ ମେହେର ଓ ନମିତା ମେହେର, ରାମାକାନ୍ତ ଭୁକ୍ତା ଓ ରାସେଶ୍ୱରୀ ଭୁକ୍ତା ସପତ୍ନୀକ ଦାୟିତ୍ୱ ତୁଲାଥିଲେ। ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଗାଁର ଶତାଧିକ ଭକ୍ତଙ୍କ ସମାବେଶ ନାମ ମଣ୍ଡପରେ ହୋଇଥିଲା। କାର୍ଯ୍ୟକ୍ରମକୁ କମିଟିର ଗଜରାଜ ମେହେର, ତପୋବନ୍ତ ମେହେର, ବିଶ୍ୱ ମେହେର, ସରୋଜ ମେହେର, ନେହେରୁ ମେହେର, ସିବଲାଲ ମେହେର, ପ୍ରମୋଦ ମେହେର, ଆନନ୍ଦ ମେହେର, ବାବୁଲୁ ମେହେର, ବିଶାଖା ମେହେର, ରାଜେଶ ଅଗ୍ରୱାଲ, ବୃନ୍ଦାବନ ମେହେର, ଭୀଷ୍ମ ମେହେର, ରୋହିତ ମେହେର, ମନୋଜ ରଥଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ଓ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିଲା।

## ପିଏମଶ୍ରୀ ବିଦ୍ୟାଳୟରେ 'ମହକ' କାର୍ଯ୍ୟକ୍ରମ

**ଝାରବନ୍ଧ, ୨୧।୩(ସମିସ):** ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକ ଅଧୀନ ଭଣ୍ଡାରପୁରୀ ପିଏମଶ୍ରୀ ବିଦ୍ୟାଳୟ ଠାରେ 'ମହକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କିର୍ତ୍ତିଲାଲ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା, ସଂସ୍କୃତି ଓ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଉପରେ ଜୋର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ତହସିଲଦାର ଅଲେଖ ପୁଟା ଏବଂ ମୁଖ୍ୟବକ୍ତା ଭାବେ ବିଇଓ ଶୁଭମ ପତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଦୟାନିଧି କୈବର୍ତ୍ତ, ସିଆରସିସି କରୁଣାକର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ମଧୁସୂଦନ ଦେବତା, ସେବାରାମ ପଟେଲ ଓ ଚେୟାରମ୍ୟାନ ତୀର୍ଥ ପଟେଲ ଯୋଗ ଦେଇଥିଲେ। ଡୋଲାମଣି ମେହେର ବିବରଣୀ ପଠନ ସହ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ଓ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସୁଧିର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସିରଜିନା ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

**ପଦ୍ମପୁର, ୨୧।୩ (ସମିସ):** ଭେଡ଼ିଁରିଆ ଉଚ୍ଚ ବିଦ୍ୟାଳୟରେ ସିରଜିନାର ସମ୍ପାଦକଙ୍କ ଆହ୍ୱାନ କ୍ରମେ ଗୀତ ନୃତ୍ୟ ଚିତ୍ରାଙ୍କନ ଝୋଟି ଓ ରଙ୍ଗୋଲୀ ପ୍ରତି ଯୋଗିତା ଅନୁଷ୍ଠିତ ହୋଯାଇଛି। ପ୍ରତଯୋଗିତାରେ ପଞ୍ଚାୟତର ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଛାତ୍ରଛାତ୍ରୀ ସମେତ ଝିଅ ବୋହୂ ମାନେ ଭାଗ ନେଇଥିଲେ। ବିଚାରକ ଭାବେ କୋକିଳ ସାହୁ, ସଚିଦାନନ୍ଦ ସାହୁ, ଅନୁଷୟା ମହାନନ୍ଦ, ରମେଶ ମହାନନ୍ଦ, ରୋଜି ପାଣଗ୍ରାହୀ, ସନାତନ ବାରିକ, କିଶୋର ପାତ୍ର, ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ମିଳନ ଝୁମୀ, ନିକି କୈଳାଶିନୀ, ସୋନିଆ, ଅନିତା ପ୍ରମୁଖ ସହୋଯୋଗ କରିଥିଲେ। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ମଧ୍ୟ ସହଯୋଗ କରିଥିଲେ।

## ଜିଏମ୍‌ୟୁରେ ବିଶ୍ୱ ପଖାଳ ଓ ବିଶ୍ୱ କବିତା ଦିବସ

**ସମ୍ବଲପୁର, ୨୧।୩ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ପଖାଳ ଦିବସ ଓ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଯୋଗଦେଇ ନିଜ ସଂସ୍କୃତି ଓ ଐତିହ୍ୟକୁ ଉଜ୍ଜୀବିତ କରିବାପାଇଁ ଆହ୍ୱାନ ଦେଇଥିଲେ। ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଓ ଉପକୁଳସଚିବ ଡ.ଚନ୍ଦନ ସାହୁ କବିତା ଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ.ପରୀକ୍ଷିତ ଭୋଇ ପ୍ରାରମ୍ଭିକ ସୂଚନା ଏବଂ ଡ.ଲିପିକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଭୀମଭୋଇ ଚେୟାର ଅଧ୍ୟକ୍ଷ କବି ଡ. ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ନିଜସ୍ୱ କବିତା ପାଠ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ କବି ଡ. ମନୋଜ କୁମାର ପଣ୍ଡା, ଅତିଥି କବି ପଙ୍କଜିନୀ ନାୟକ, ପୁତୁଲ ସୁପ୍ରିୟା ଦାସ, ଦୁର୍ଗାପ୍ରସାଦ ପଣ୍ଡା, କମଳ ଲୋଚନ ପଣ୍ଡା, ଦିଲୀପ ବଘାର, ସନ୍ତୋଷିନୀ ବାବୁ, ହିନ୍ଦୀ ବିଭାଗର ଡ. ଦାଶରଥୀ ବେହେରା ପ୍ରମୁଖ ଯୋଗଦେଇ କବିତା ଦିବସର ମହତ୍ତ୍ୱ ବିଷୟରେ କହିବାସହ କବିତା ପାଠ କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ସ୍ମୃତିରେଖା ନାଥ ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ର ମହେଶ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ରଞ୍ଜନ ସେଠୀ, ଡ. ନବୀନ ଜାଲ, ଡ. ଶ୍ରୀବନ୍ତ ଦାସ, ତୃପ୍ତି ରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସଭାପରେ ପାରମ୍ପରିକ ପ୍ରଥା ଅନୁସାରେ ସମସ୍ତେ ପଖାଳ ଖାଇଥିଲେ। ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପ୍ରତାପ ଜେନାଙ୍କ ବାସଗୃହରେ ଆକ୍ରମଣକୁ ଯୁବ ଛାତ୍ର ବିଜେଡିର ନିନ୍ଦା

**ସମ୍ବଲପୁର, ୨୧।୩ (ସମିସ) :** ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଗୃହରେ ଦୁର୍ବୃତ୍ତ ମାନଙ୍କ ଦ୍ୱାରା ଆକ୍ରମଣକୁ ଯୁବ ଛାତ୍ର ବିଜେଡି ପକ୍ଷରୁ ସମ୍ବଲପୁରଠାରେ ନିନ୍ଦା କରାଯାଇଛି।ଆଜି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନଙ୍କ ନେତୃତ୍ୱରେ ଯୁବ ଛାତ୍ର କର୍ମକର୍ତ୍ତା ମାନେ ସମ୍ବଲପୁର ଚର୍ଚ୍ଚ ଛକଠାରେ ଏକତ୍ରିତ ହୋଇ ବର୍ତ୍ତମାନ ଓଡ଼ିଶାରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ଆଣି ପ୍ରତିବାଦ ଜଣାଇଥିଲେ। ରାଜ୍ୟର ରାଜଧାନୀରେ ପୂର୍ବତନ ମନ୍ତ୍ରୀଙ୍କ ବାସଗୃହରେ



ଆକ୍ରମଣ ହେଉଛି ସେ ରାଜ୍ୟରେ ସାଧାରଣ ଜନତା ସୁରକ୍ଷିତ ନୁହନ୍ତି ବୋଲି କର୍ମକର୍ତ୍ତା ମାନେ ଅଭିଯୋଗ ଆଣିଛନ୍ତି। ଆଜିର ଏହି ପ୍ରତିବାଦ ପ୍ରଦର୍ଶନରେ ଯୁବ ଜୋନ ଉପସଭାପତି ପ୍ରତାପ ଶର୍ମା, ଛାତ୍ର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଜୋନ ସାଧାରଣ ସମ୍ପାଦକ ମଣ୍ଟୁ ମହାନ୍ତି, କ୍ୟାମ୍ପସ ସଭାପତି ଆର୍ଯ୍ୟନ ବହିଦାର, ଶୁଭମ ସାହୁ, ଅସିତ ସାହୁ, ନିପନ ମିଶ୍ର, ଶିବୁ ସେଠ, ଆର୍ଯ୍ୟନ ନାୟକ, ପ୍ରିୟାଂଶୁ ପଟ୍ଟନାୟକ, ଅଂଶୁମାନ ସାହୁ, ତ୍ରିଲୋଚନ ମହାନନ୍ଦ, ପ୍ରଭାତ ସାହୁ, ସପନ ହୋତା, ଅଭିନବ ସାହୁ, ସିପନ ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଶ୍ୱ ଜଳ ଦିବସ ଅବସରରେ ୨୫ ସମ୍ବର୍ଦ୍ଧିତ

**ସମ୍ବଲପୁର, ୨୧।୩ (ସମିସ) :** ୟୁଥ୍ ଫର୍ ୱାଟର୍-ଇଣ୍ଡିଆ ପକ୍ଷରୁ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ୍‌ରେ ବିଶ୍ୱ ଜଳ ଦିବସ ୨୦୨୬ ଅବସରରେ 'ଆୱାର୍ ୱାଟର୍ ବଡିଜ୍, ଆୱାର୍ ପ୍ରାଇଡ୍' ଶୀର୍ଷକ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବା, ସମାଜସେବୀ ଓ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ ଯୋଗ ଦେଇଥିଲେ। ଜଳ ଓ ପରିବେଶ ସୁରକ୍ଷା ବିଶେଷଜ୍ଞ ଓଡ଼ିଶାର ଜଳମଣିଷ ଭାବେ ପରିଚିତ ରଞ୍ଜନ ପଣ୍ଡା ଏହି ଅଭିଯାନ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଓ ପରିବେଶ କର୍ମୀ ଦେବୋ ପଟ୍ଟନାୟକ, ସାମାଜିକ କର୍ମୀ ରାଜଶ୍ରୀ ପୁରୋହିତ ଏବଂ ପରିବେଶ ସଚେତନତା କର୍ମୀ ମନୋରଞ୍ଜନ ବେହେରା ଯୋଗଦେଇ ଏହି ବିଷୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ଆୱାର୍ ୱାଟର୍ ବଡିଜ୍, ଆୱାର୍ ପ୍ରାଇଡ୍' ଥିମ୍ ଉପରେ କାମ କରୁଥିବା ୨୫ଜଣ ଗ୍ରୀନ୍ ପିକ୍‌ନିକ୍ ଫେଲୋଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଗ୍ରୀନ୍ ପିକ୍‌ନିକ୍ ଆୱାର୍ଡସ୍ ସିଜନ୍-୪ ଘୋଷଣା କରାଯାଇଥିଲା। ଏହାସହ ୟୁଥ୍ ଫର୍ ୱାଟର୍-ଇଣ୍ଡିଆର ୭ବର୍ଷ ପୂର୍ତ୍ତି ଉପଲକ୍ଷେ କେକ୍ କାଟି ଉତ୍ସବ ପାଳନ କରାଯାଇଥିଲା। ଶେଷ ଅଂଶରେ ଷ୍ଟାଣ୍ଡ-ଅପ୍ କମେଡି, ସାମାଜିକ ସନ୍ଦେଶମୂଳକ ନାଟକ, ଦଳଗତ ନୃତ୍ୟ ଏବଂ ଏକକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଆଇଆଇଏମ୍ ସମ୍ବଲପୁରର ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ଫାଲଗୁନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ପ୍ରଦା ପ୍ରତିଯୋଗିତା

**ସମ୍ବଲପୁର, ୨୧।୩(ସମିସ)**

ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ଆନୁକୂଲ୍ୟରେ ସମ୍ପ୍ରଦା ଦଳମାନଙ୍କ ଏକ ଭବ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅମ୍ବାପାଲି ସମ୍ପ୍ରଦା ଦଳ, ବାଦିମାଲ୍ ସମ୍ପ୍ରଦା ଦଳ, ଦୟାଡେରା ସମ୍ପ୍ରଦା ଦଳ, ବଡ଼ଧରା ସମ୍ପ୍ରଦା ଦଳ, ଭୋଇଡେରା ସମ୍ପ୍ରଦା ଦଳ, ଗଙ୍ଗାଡିହି ସମ୍ପ୍ରଦା ଦଳ, ରଙ୍ଗିଆଟିକ୍ରା ସମ୍ପ୍ରଦା ଦଳ ଓ ଖୁଟିଚକଲି ସମ୍ପ୍ରଦା ଦଳ ସହ ମୋଟ ୮ଟି ଦଳ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ କପିଳ ସାହୁ, ହେମନ୍ତ ମହାପାତ୍ର, ରଞ୍ଜନ ସାହୁ ଏବଂ ପ୍ରଫେସର କାମଦେବ ସାହୁ ଉପସ୍ଥିତ ରହି ପ୍ରତିଯୋଗିତାର ନ୍ୟାୟସଙ୍ଗତ ମୂଲ୍ୟାୟନ କରିଥିଲେ।ପ୍ରତିଯୋଗିତାରେ ବଡ଼ଧରା ସମ୍ପ୍ରଦା ଦଳ ପ୍ରଥମ ହେଇଥିଲା ବେଳେ ଅମ୍ବାପାଲି ଦଳ ଦ୍ୱତୀୟ ଓ ଦୟାଡେରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ପୁରସ୍କାର ସ୍ୱରୂପ ଦଶ ହଜାର ଟଙ୍କାର ପ୍ରୋତ୍ସାହନ ରାଶି, ଦ୍ୱିତୀୟ



ସ୍ଥାନ ପାଇଁ ସାତ ହଜାର ଟଙ୍କା ଓ ତୃତୀୟ ସ୍ଥାନ ପାଇଁ ପାଞ୍ଚ ହଜାର ତାଙ୍କର ପ୍ରୋତ୍ସାହନ ରାଶି ସହିତ ମାନପତ୍ର ଓ ମା'ଙ୍କ ପ୍ରତିମା ଚିହ୍ନ ପ୍ରଦାନ କରାଯାଇଥିଲା। ସମସ୍ତ ସହଭାଗୀ ଦଳଙ୍କୁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ସମସ୍ତ ଦଳକୁ ଗସ୍ତ ଖର୍ଚ୍ଚ ଟ୍ରଷ୍ଟ ବୋର୍ଡ ତରଫରୁ ପ୍ରଦାନ କରାଯାଇଥିଲା। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ, ସଦସ୍ୟ ପ୍ରଫୁଲ୍ଲ ହୋତା ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଡ଼ ଶ୍ୟାମ ସୁନ୍ଦର ଧରଙ୍କ ସହିତ ସଦସ୍ୟ ହେମନ୍ତ ମିଶ୍ର, ସନ୍ତୋଷ ପୃଷ୍ଟେଠ, ଦେବ କୁମାର ଆଜମେରିଆ ଓ ବିଚିତ୍ରାନନ୍ଦ ଆଚାର୍ଯ୍ୟ (ଇଓ) ସହଯୋଗ କରିଥିଲେ। ସଭାପତି ସଞ୍ଜୟ କୁମାର ବାବୁ ଅଭିଭାଷଣରେ ଏପରି କାର୍ଯ୍ୟକ୍ରମ ଆମ ସାଂସ୍କୃତିକ ଐତିହ୍ୟକୁ ଅଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଞ୍ଚାଇବାରେ ଏକ ମୁଖ୍ୟ ମାଧ୍ୟମ। ସମସ୍ତ ସମ୍ପ୍ରଦା ଦଳଙ୍କ ଅଂଶଗ୍ରହଣ ଆମ ସମାଜରେ ଏକତା ଓ ସମ୍ମିଳନର ଭାବନାକୁ ଦୃଢ଼ କରେ ତଥା ଆମର ସମୃଦ୍ଧ ଲୋକ ସଂସ୍କୃତିକୁ ନେଇ ଗର୍ବ କରିବା ଶିକ୍ଷା ଦିଏ ବୋଲି କହିଥିଲେ।

## ସମ୍ବଲପୁରରେ ଅଶୋକ ଲେଲ୍ୟାଣ୍ଡର ଟୌରସ୍ ଟିପର୍ ଲଞ୍ଚ

**ସମ୍ବଲପୁର, ୨୧।୩(ସମିସ):** ଅଶୋକ ଲେଲ୍ୟାଣ୍ଡର ଟୌରସ୍ ମଡେଲର ଏକ ପ୍ରକାର, ଶକ୍ତିଶାଳୀ ହେଭି-ଡ୍ୟୁଟି ୩୫୩୨ ଟିପର୍, ଶୁକ୍ରବାର ସମ୍ବଲପୁରରେ ଲଞ୍ଚ ହୋଇଛି। ଜାଲାନ ଅଟୋମୋବାଇଲ୍ସ (ଅଶୋକ ଲେଲ୍ୟାଣ୍ଡର ଅଧିକୃତ ଡିଲର) ଏହାକୁ ଲଞ୍ଚ୍ କରିଛି। ଘୋଷଣା କରାଯାଇଛି ଯେ ଏହା ଭାରତର ପ୍ରଥମ ୮-ଲିଟର ଇଞ୍ଜିନ ଚାଳିତ ୩୫୩୨ ଟିପର୍ (ଟୌରସ୍) ଯାହାକୁ ପଶ୍ଚିମ ଓଡ଼ିଶାରେ ଲଞ୍ଚ କରାଯାଇଛି। ଏହି ହେଭି-ଡ୍ୟୁଟି ଟିପର୍ ସ୍ୱତନ୍ତ୍ର ଭାବରେ ଭାରୀ ନିର୍ମାଣ ପ୍ରୟୋଗ ପାଇଁ ଡିଜାଇନ୍ କରାଯାଇଛି, ଯାହା ଉତ୍କୃଷ୍ଟ ଶକ୍ତି ଏବଂ ଦକ୍ଷତା ପ୍ରଦାନ କରେ। ଜାଲାନ ଅଟୋମୋବାଇଲ୍ସର ଚେୟାରମେନ ଅଶୋକ ଜାଲାନ,




ଏମଡି ଯୋଗେଶ ଜାଲାନ, ନିର୍ଦ୍ଦେଶକ ମନିଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭାରୀ ଯାନ ଶିଳ୍ପକୁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି ପ୍ରଦାନ କରିବ ବୋଲି ଆୟୋଜକ ପକ୍ଷରୁ କୁହାଯାଇଛି। ଗୁରୁପାଦ ଅଟୋମୋବାଇଲ୍ସ ମଧ୍ୟ ସମ୍ବଲପୁରରେ ଏହାର ପ୍ରଥମ ଡେଲିଭରି କରିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକମାନଙ୍କୁ ଯାନର ବୈଶିଷ୍ଟ୍ୟ ଏବଂ ବୈଷୟିକ ନିର୍ଦ୍ଦିଷ୍ଟକରଣ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଅବସରରେ କମ୍ପାନୀର ଜେଡଏମ ଦୀପକ ରାଜଦାନ, ଆରଏମ ଅଭିନବ ପ୍ରତୀକ, ଏଏମ ପ୍ରିୟ ରଞ୍ଜନ ମଲ୍ଲିକଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା

## ପିଏମ୍‌ଶ୍ରୀ ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସମୀକ୍ଷା

ଝାରସୁଗୁଡ଼ା, ୨୧।୩(ସମିସ)

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଓଏଲ୍‌ଡବ୍ଲ୍ୟୁଏଏନ୍ ଭିସିରୁମ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ଚାଲିଥିବା 'ପିଏମ୍‌ଶ୍ରୀ' ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ଜନହିତକର ପ୍ରକଳ୍ପଗୁଡିକର ପରିଚାଳନା ଓ କାର୍ଯ୍ୟକାରିତା ଉପରେ ଜିଲ୍ଲାପାଳ ଆଲୋଚନା କରିଛନ୍ତି। ଏଣିକି ପ୍ରତି ଶନିବାର ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଯୋଗଦେଇ ସେମାନଙ୍କ ଅଞ୍ଚଳରେ ଥିବା

**ପ୍ରତି ଶନିବାର ହେବ ସମୀକ୍ଷା ବୈଠକ**

ପିଏମ୍‌ଶ୍ରୀ ସ୍କୁଲ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡି କେନ୍ଦ୍ର ଏବଂ 'ମଡେଲ ଜିପି' ଗୁଡିକରେ ଚାଲିଥିବା କାର୍ଯ୍ୟର ରିପୋର୍ଟ ପ୍ରଦାନ କରିବେ। ପ୍ରତି ବ୍ଲକରେ ଅନ୍ତତଃ ଗୋଟିଏ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ବା ମଡେଲ ଜିପି ଭାବେ ଗଢ଼ି ତୋଳିବା ପାଇଁ ବ୍ଲକଗୁଡିକ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ନିୟୋଜିତ ବରିଷ୍ଠ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ବ୍ଲକ ପରିଦର୍ଶନ କରି କ୍ଷେତ୍ରସ୍ତରରେ କାର୍ଯ୍ୟର ମାନ ପରଖିବେ ଏବଂ ତଦାରଖ କରିବେ।



## ବସ୍‌ଷ୍ଟାଣ୍ଡ ଓ ପ୍ରସ୍ତାବିତ ପାଠାଗାର ସ୍ଥାନ ପରିଦର୍ଶନ



ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ପୌରାଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଖାଲିଆକାନି ଅଞ୍ଚଳ ଗସ୍ତ କରି ସେଠାରେ ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ଜମିର ଅନୁଧ୍ୟାନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଆରମ୍ଭ ହେବ ସେ ନେଇ ଗୁରୁତ୍ୱାରୋପ କରିଛନ୍ତି। ଏହାପରେ ଜିଲ୍ଲାପାଳ ବ୍ରଜରାଜନଗର ମହିଳା ମହାବିଦ୍ୟାଳୟ ନିକଟକୁ ଯାଇ ପ୍ରସ୍ତାବିତ ପାଠାଗାର ସ୍ଥାନ ପରିଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ପିଲାମାନେ ଯେପରି ଏହାର ସୁଫଳ ପାଇପାରିବେ ସେଥିପାଇଁ ତୁରନ୍ତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

**ଖାଲିଆକାନିରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ସମୀକ୍ଷା**

**ମହିଳା ମହାବିଦ୍ୟାଳୟ ନିକଟରେ ଖୋଲିବ ଅତ୍ୟାଧୁନିକ ପାଠାଗାର**

## ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ପରିଦର୍ଶନ

### ଝାରସୁଗୁଡ଼ାର ଖଣିଜ ସମ୍ପଦର ଇତିହାସ ଜାଣିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏମ୍‌ସିଏଲ୍ ଓରିଏଣ୍ଟ ଖଣି ନମ୍ବର-୪ ପରିସରରେ ନିର୍ମିତ 'ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ' ଏବଂ ଏଠାରେ ଥିବା ସ୍ୱତନ୍ତ୍ର ଖଣି ମ୍ୟୁଜିୟମ ପରିଦର୍ଶନ କରିଛନ୍ତି। ମ୍ୟୁଜିୟମ ବୁଲି ଦେଖିବା ସହ ଝାରସୁଗୁଡ଼ାର ସମୃଦ୍ଧ ଖଣି ଇତିହାସ ସମ୍ପର୍କରେ ଜିଲ୍ଲାର ଛାତ୍ରଛାତ୍ରୀ କିଭଳି ଅଧିକ ସଚେତନ ହୋଇପାରିବେ ତାହା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମାଟି ତଳୁ କିଭଳି ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି



କୋଇଲା ଉତ୍ତୋଳନ କରାଯାଏ, ସେ ସମ୍ବନ୍ଧରେ ଏଠାରେ ପ୍ରଦର୍ଶିତ ମଡେଲଗୁଡିକୁ ସେ ଅନୁଧ୍ୟାନ କରିଥିଲେ। ଝାରସୁଗୁଡ଼ାର ଖଣି ଇତିହାସ ଏବଂ କୋଇଲା ଖନନର ବାସ୍ତବ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଠାକୁ ନିଶ୍ଚିତ ଭାବେ ଆସିବା ଉଚିତ ବୋଲି ପରିଦର୍ଶନ ଶେଷରେ ଜିଲ୍ଲାପାଳ କହିଛନ୍ତି। ଏହି ସମୟରେ ଏମସିଏଲର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ପ୍ରତିନିଧିମାନେ ପାର୍କର ପରିଚାଳନା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

## ଜମି ପଞ୍ଜୀକରଣ ସ୍ଲଟ୍ ବୃଦ୍ଧି ପାଇଁ ଓକିଲଙ୍କ ଦାବି

ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲା ଲଖନପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ସ୍ଲଟ ବୃଦ୍ଧି କରିବା ପାଇଁ ଓକିଲମାନେ ଦାବି କରିଛନ୍ତି। ଏନେଇ ଓକିଲ ମାନଙ୍କ ପକ୍ଷରୁ ଦାବିପତ୍ର ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଇଜିଆର ଭୁବନେଶ୍ୱର ତଥା ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି। ପତ୍ରରେ ଓକିଲମାନେ ଉଲ୍ଲେଖ କରିଛନ୍ତି ଯେ, ଲଖନପୁର ସବରେଜିଷ୍ଟ୍ରାର କ୍ଷେତ୍ର ଅଧୀନରେ ୩୩ଟି ପଞ୍ଚାୟତ ଏବଂ ଗୋଟିଏ ପୌର ପରିଷଦ ରହିଛି। ହେଲେ ଜମି ପଞ୍ଜୀକରଣ ପାଇଁ ପ୍ରତିଦିନ ମାତ୍ର ୧୪ଟି ସ୍ଲଟ ଉପଲବ୍ଧ ରହୁଛି। ଏହା ପର୍ଯ୍ୟାପ୍ତ ନୁହେଁ ଏବଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଅସମର୍ଥ। ତେଣୁ ଲଖନପୁରବାସୀଙ୍କୁ ଜମି ପଞ୍ଜୀକରଣ କ୍ଷେତ୍ରରେ ସୁବିଧା ଯୋଗାଇବା ପ୍ରତିଦିନ ମିଳୁଥିବା ସ୍ଲଟ ଗୁଡିକୁ ୧୪ରୁ ୩୦କୁ ବୃଦ୍ଧି କରାଯାଉ ବୋଲି ଓକିଲମାନଙ୍କ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ଓକିଲ ପ୍ରଶାନ୍ତ ବିଶ୍ୱାଳ, ମୁରଲୀ ନାୟକ, ଈଶ୍ୱର କଉଡି, ହେମନ୍ତ ପ୍ରଧାନ, ଜେକେ ସିଂ, ଏସକେ ପଡ଼ିଆରୀ, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖଙ୍କ ସହମତିରେ ଏହି ପତ୍ର ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଇଜିଆର ଭୁବନେଶ୍ୱର ତଥା ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି।

## ମୁକୁଳା ପଡ଼ିଛି ବାଲିଜୋରି ସ୍ଥିତ ୩ ଟ୍ରାନ୍ସଫର୍ମର

ଝାରସୁଗୁଡ଼ା, ୨୧।୩(ସମିସ): ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ଝାରସୁଗୁଡ଼ା ବିଦ୍ୟୁତ ଡିଭିଜନ କଚେରି ସେକ୍ସନ-୩ ଅଧୀନ ଝାରସୁଗୁଡ଼ା ପୌର ପରିଷଦ ୱାର୍ଡ ନମ୍ବର ୧୩ ବାଲିଜୋରି ଠାରେ ୩ଟି ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଅଞ୍ଚଳର ଲୋକଙ୍କ ପାଇଁ ବଡ ବିପଦକୁ ଆମନ୍ତ୍ରଣ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ସ୍କୁଲ, ଅଙ୍ଗନବାଡି ଆଦିକୁ କୋମଳମତି ଶିଶୁ ଯାଉଥିବା ରାସ୍ତାରେ ଟ୍ରାନ୍ସଫର୍ମର ଗୁଡିକ ରହିଛି। ପୁଣି ନିକଟରେ ମନ୍ଦିର ଓ ରାସ୍ତାକଡରେ ଟ୍ରାନ୍ସଫର୍ମର ଗୁଡିକ ଥିବା ଯୋଗୁଁ ବଡ଼ ଲୋକ ମଧ୍ୟ ଗମନାଗମନ ସମୟରେ ଭୟ କରୁଛନ୍ତି। ଦୁର୍ଘଟଣାର ଆଶଙ୍କା କରି ସ୍ଥାନୀୟ ଜନସାଧାରଣ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହେଉଛି। ଟାଟା ପାୱାର ବୋଧେ ବଡ ଦୁର୍ଘଟଣାକୁ ଅପେକ୍ଷା କରିଛି ବୋଲି ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି। ଟାଟା ପାୱାର ପକ୍ଷରୁ ତୁରନ୍ତ ଦୃଷ୍ଟି ଦିଆଯାଇ ୩ଟି ଟ୍ରାନ୍ସଫର୍ମରର ପାଚେରୀ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ବେଦାନ୍ତ ଜମି ଅଧିଗ୍ରହଣ ଓ ଥଇଥାନ ସମ୍ପର୍କିତ ଜନଶୁଣାଣି

ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବେଦାନ୍ତ ଲିମିଟେଡ୍‌ର ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ସମ୍ପର୍କିତ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ବ୍ଲକ ଅଧୀନ କାଟିକେଲା ଏବଂ ଭୁର୍କାମୁଣ୍ଡା ଗାଁର ଜମି ଅଧିଗ୍ରହଣ ଜନିତ ସମସ୍ୟା ଓ ଗ୍ରାମବାସୀଙ୍କ ଦାବି ଉପରେ ବୈଠକରେ ଆଲୋଚନା କରାଯାଇଛି। ବିସ୍ଥାପନ ପ୍ରକ୍ରିୟା ଏବଂ କମ୍ପାନୀ ପକ୍ଷରୁ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ଗ୍ରାମବାସୀ ନିଜର ମତାମତ ଉପସ୍ଥାପନ କରିଥିଲେ।

**କାଟିକେଲା ଓ ଭୁର୍କାମୁଣ୍ଡା ଗ୍ରାମବାସୀଙ୍କ ସମସ୍ୟା ଶୁଣିଲେ ଜିଲ୍ଲାପାଳ**

ଜିଲ୍ଲାପାଳ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗକୁ ସହ ଶୁଣିବା ପରେ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା କହିଛନ୍ତି। କମିଟିର ଚୂଡାନ୍ତ ନିଷ୍ପତ୍ତି ପାଇଁ ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ନିଯୁକ୍ତି ସମ୍ବନ୍ଧୀୟ ଦାବିଗୁଡିକୁ ଆଗାମୀ ଆରପିଡିଏସି ବୈଠକରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହେବା ପର୍ଯ୍ୟନ୍ତ ବେଦାନ୍ତ ଲିମିଟେଡ୍ ନିଜର ସିଏସଆର ପାଣ୍ଠି ମାଧ୍ୟମରେ ବାୟୁ ଏବଂ ଜଳ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି। ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସହକାରୀ ଜିଲ୍ଲାପାଳ, କାଟିକେଲା ସରପଞ୍ଚଙ୍କ ସମେତ ଉଭୟ ଗାଁର ଶତାଧିକ ଗ୍ରାମବାସୀ ଏବଂ ବେଦାନ୍ତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୋଇଲା ଚୋରର ଦାଦାଗିରି

### ସିକ୍ୟୁରିଟି ଇନ୍‌ଚାର୍ଜ ଉପରେ ବାଇକ୍ ଚଢ଼ାଇ ହତ୍ୟା ଉଦ୍ୟମ

ବ୍ରଜରାଜନଗର, ୨୧।୩ (ସମିସ): ବ୍ରଜରାଜନଗର ସହରାଞ୍ଚଳ ଇବ କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ସିକ୍ୟୁରିଟି ଗାର୍ଡ ବା ଫାଟକ ଇନଚାର୍ଜ ଉପରେ କୋଇଲା ଚୋର ବାଇକ୍ ଚଢ଼ାଇ ଦେଇଛି। ଆହତ ସିକ୍ୟୁରିଟି ଇନ୍‌ଚାର୍ଜ ବାସୁଦେବ ବୋଲି ଜଣାପଡ଼ିଛି। ଘଟଣାପରେ ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲରେ ଚିକିତ୍ସା କରାଯାଉଛି। ଖବର ଲେଖା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସାଥି ସିକ୍ୟୁରିଟି ଗାର୍ଡ ବୀର ବହାଦୁର ରାୟଙ୍କ ବୟାନ ଅନୁଯାୟୀ ଏମସିଏଲ ସିକ୍ୟୁରିଟି ଇନଚାର୍ଜ ବିକ୍ରାନ୍ତଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଫାଟକ ସମୁଖରେ ଥିବା ରୋଡ ଉପରେ ବାସୁଦେବଙ୍କ ସହିତ ୨ ଜଣ ଡ୍ୟୁଟିରେ କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ କୋଇଲା ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ବାସୁଦେବ ଅଟକାଇ ଦେଢ଼ କ୍ୱିଣ୍ଟାଲ କୋଇଲା ଜବତ କରିଥିଲେ। କିନ୍ତୁ ପରେ ବାଇକ୍ ଚାଳକକୁ ଛାଡି ଦେଇଥିଲେ। ଏକ ଘଣ୍ଟା ପରେ ସେହି ଚାଳକ ଅନ୍ୟ ଏକ ନମ୍ବରହୀନ ବାଇକରେ ଦ୍ରୁତ ବେଗରେ ଆସି ବାସୁଦେବଙ୍କୁ ଧକା ମାରିଥିଲା। ଏଥିରେ ବାସୁଦେବ ଛିଟିକି ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ କାନ ପାଖରୁ ରକ୍ତସ୍ରାବ ହେବା ସହ ସେ ଚେତାଶୂନ୍ୟ ହୋଇଥିଲେ। ଖବର ପାଇ ସାଥି ଗାର୍ଡ ମାନେ ଜିଏମଙ୍କ କାର୍ଯ୍ୟାଳୟ ଫାଟକ ପାଖରେ ଆସି ଦୋଷୀକୁ ଧରିବା ଓ ତା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଏବେ ସୁଦ୍ଧା ବ୍ରଜରାଜନଗର ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରାଯାଇଛି ଏବଂ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଓପିଜିସିରେ ବିଶ୍ୱ ପଖାଳ ଦିବସ



ଇବଥର୍ମାଲ, ୨୧।୩(ସମିସ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନର ଝାରସୁଗୁଡ଼ା ଜିଲ୍ଲା ବନହରପାଲିଠାରେ ଅବସ୍ଥିତ ଇବଥର୍ମାଲ ପାୱାର ଷ୍ଟେସନ ଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଓପିଜିସିର ଅପେରସନ ନିର୍ଦ୍ଦେଶକ ଅଞ୍ଜନା ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇବ କ୍ଲବ୍‌ର ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। କ୍ଲବ୍‌ର ସାଧାରଣ ସମ୍ପାଦକ ସେନାପତି ପ୍ରଧାନ, ସହ ସମ୍ପାଦକ ଅକ୍ଷୟ ହାତୀ ସାଂସ୍କୃତିକ ସମ୍ପାଦକ ମକରଧ୍ୱଜ ସା, କ୍ରୀଡା ସମ୍ପାଦକ ଦିଲୀପ ପଧାନ, କୋଷାଧ୍ୟକ୍ଷ ଲଖମନ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କର୍ମଚାରୀ ତାଙ୍କ ପରିବାର ସଦସ୍ୟ ମାନଙ୍କ ସହ ପ୍ରାୟ ୭୦୦ ବ୍ୟକ୍ତି ପଖାଳର ଆନନ୍ଦ ଉଠାଇଥିଲେ।

## ପ୍ରି ସେଟେଲମେଣ୍ଟ ବିକ୍ରୟ ଦଲିଲ ଆଧାରିତ ମ୍ୟୁଟେସନ ମାମଲା

### ୩୪ ଆବେଦନକାରୀଙ୍କୁ ରେକର୍ଡ ଅଫ୍ ରାଇଟ ପ୍ରଦାନ



ଦେବଗଡ଼, ୨୧।୩ (ସମିସ): ରାଜ୍ୟ ସରକାରଙ୍କର ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ-୧୯୬୨ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରାଯାଇଛି। ଏହା ଅନୁସାରେ ତହସିଲଦାର ମାନଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ବିଚାରଧୀନ ୧୭୦ଟି ମାମଲାକୁ ବାରକୋଟ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାୟୀ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ପଦକ୍ଷେପ ଫଳରେ ତନ୍ମଧ୍ୟରୁ ୩୪ଟି ମାମଲାର ଫଇସଲା କରି ଆଜି ସେମାନଙ୍କୁ ରେକର୍ଡ ଅଫ ରାଇଟ ପ୍ରଦାନ କରାଯାଇଛି। ଅବଶିଷ୍ଟ ମାମଲାର ତ୍ୱରିତ ଫଇସଲା ପାଇଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ଅପେକ୍ଷାରତ ତତ୍‌ସମ୍ବନ୍ଧୀୟ ମାମଲା ଗୁଡିକର ତ୍ୱରିତ ଫଇସଲା ସମ୍ଭବ ହୋଇପାରିଛି।

## ଓପିଜିସିର ପକ୍ଷରୁ ୧୫୭୦ ଜଣଙ୍କ ଚକ୍ଷୁ ପରୀକ୍ଷା

ଇବଥର୍ମାଲ, ୨୧।୩(ସମିସ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ଲଖନପୁର ବ୍ଲକ ଅଧୀନ ୫ଟି ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ୫ଟି ଭିନ୍ନ ଭିନ୍ନ ପଞ୍ଚାୟତରେ ଶିବିର ଗୁଡିକ ଅନୁଷ୍ଠିତ ହୋଇଥିଲା। ୮୩୯ ଜଣ ପୁରୁଷ ଏବଂ ୭୩୧ ଜଣ ମହିଳାଙ୍କୁ ନେଇ ମୋଟ ୧, ୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ପରେ ୧, ୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଚକ୍ଷୁ ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡ଼ା ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କର ମାଗଣା ଅପରେସନ କରାଯାଇଥିଲା। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେସନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା। ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମ ଶିବିର ଉଦ୍‌ଘାଟନ କରି ଓପିଜିସିର ନିର୍ଦ୍ଦେଶକ (ଅପରେସନ) ଅଞ୍ଜନା ରଞ୍ଜନ ଦାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସିନିୟର ଭାଇସ ପ୍ରେସିଡେଣ୍ଟ (ଅପରେସନ) ସୁକାନ୍ତ ମହାପାତ୍ର, ଇବଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସଆର ଉପଦେଷ୍ଟା ପ୍ରଫୁଲ୍ଲ ଧଳ ଏବଂ ଓପିଜିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓପିଜିସିର ସିଏସଆର ଟିମ୍‌ର ସଦସ୍ୟ ହିମାଂଶୁ ବେହେରା, ସିନିଅର ମ୍ୟାନେଜର ସିଏସଆର; ତପସ ପଣ୍ଡା, ଆସିଷ୍ଟାଣ୍ଟ ମ୍ୟାନେଜର ସିଏସଆର; ଏବଂ ଅମର ସିଂହ, ଏକ୍ସିକ୍ୟୁଟିଭ ସିଏସଆର ଶିବିରଗୁଡିକର ପରିଚାଳନା କରିଥିଲେ। ଶିବିର କେୟାର ନେତ୍ରମ, ଭୁବନେଶ୍ୱରର ସହଯୋଗରେ ଆୟୋଜନ କରାଯାଇଥିଲା।



## ଭିଏସଏସ ବିମାନବନ୍ଦର ସମ୍ପ୍ରସାରଣ: ପ୍ରମୁଖ ସଚିବଙ୍କ ସ୍ଥିତି ସମୀକ୍ଷା

ଝାରସୁଗୁଡ଼ା, ୨୧।୩(ସମିସ): ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ (ଭିଏସଏସ) ବିମାନବନ୍ଦରର କଳେବର ବୃଦ୍ଧି ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ବିମାନବନ୍ଦର ପରିସରରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସମ୍ପ୍ରସାରଣ ଯୋଜନାର ଅନୁଧ୍ୟାନ କରିଛନ୍ତି। ବିଶେଷ କରି ବିମାନବନ୍ଦରକୁ ଅନ୍ତର୍ଜାତୀୟ ମାନର କରିବା ଏବଂ ଏଠାରେ ବଡ ଧରଣର ବୋଇଂ ୭୭୭ ବିମାନ ଅବତରଣ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।



ସମୀକ୍ଷା କାଳରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଭୂମି ଏବଂ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମ୍ପ୍ରସାରଣ ପାଇଁ ଅତିରିକ୍ତ ୨୩୫ ଏକର ଜମିର ଆବଶ୍ୟକତା ରହିଥିବା ନେଇ ଜିଲ୍ଲାପାଳ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି। ଅଧିକ ଜମି ଅଧିଗ୍ରହଣ ପରେ ବିମାନବନ୍ଦରର ରନୱେ ଏବଂ ଟର୍ମିନାଲର ସମ୍ପ୍ରସାରଣ କରାଯିବ।

**ବୋଇଂ ୭୭୭ ଭଳି ବଡ ବିମାନ ଅବତରଣ ପାଇଁ ପ୍ରସ୍ତୁତି**

**ଅଧିଗ୍ରହଣ ହେବ ଆଉ ୨୩୫ ଏକର ଜମି**

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସୁରକ୍ଷା ଦିବସ

ଇବଥର୍ମାଲ, ୨୧।୩(ସମିସ): ଜିଲ୍ଲା ଲଖନପୁର ବ୍ଲକ ଅଧୀନ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଏନର୍ଜୀ ଉତ୍କଳ ଲିମିଟେଡ ପକ୍ଷରୁ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏଫ୍‌ଆଣ୍ଡବି ସମ୍ବଲପୁର




ଡିଭିଜନ୍ ଡେପୁଟି ଡାଇରେକ୍ଟର ସ୍ୱରୂପ ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଏଫଆଣ୍ଡବିର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାଶ, ପ୍ଲାଣ୍ଟ ମୁଖ୍ୟ ବଳିରାମ ଯାଦବ, ସୁରକ୍ଷା ବିଭାଗ ମୁଖ୍ୟ ଅଧିକାରୀ ସନ୍ଦିପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ନିକଟ ଅଞ୍ଚଳ ତିଲିଆ, ଚାରପାଲି, କୁମ୍ଭାରବନ୍ଧ ଓ ସାହାଜବାହାଲ ଆଦି ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ନେଇ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟର, ବ୍ୟାନର୍, ସ୍ଲୋଗାନ, କ୍ୱିଜ୍ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ଠିକା ଶ୍ରମିକ ମାନଙ୍କ ମଧ୍ୟରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଜେଏସଡବ୍ଲ୍ୟୁ ପ୍ଲାଣ୍ଟ ପରିସରରେ ରାଲି ଆୟୋଜିତ ହୋଇଥିଲା। ପ୍ଲାଣ୍ଟ ସୁରକ୍ଷା ନିୟମର ଆବଶ୍ୟକତା ବିଷୟରେ ଆଲୋଚନା ହୋଇଥିଲା। କାମ ବେଳେ ନିଆଁ ସମେତ ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ସକାଶେ ଶ୍ରମିକ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ମକଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଓପିଜିସି, ଜେଏସଡବ୍ଲ୍ୟୁ, ବିପିଏସ୍‌ଏଲ୍, ବେଦାନ୍ତ ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଜେଏସଡବ୍ଲ୍ୟୁ ସେଫଟି ମ୍ୟାନେଜର ସୁମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ ପଶି ମହିଳାଙ୍କୁ ଦୁର୍ବୃତ୍ତଙ୍କ ଗୁଳିମାଡ଼

ଝାରସୁଗୁଡ଼ା, ୨୧।୩(ସମିସ)

ଝାରସୁଗୁଡ଼ା ଜିଲ୍ଲା ସରବାହାଲରେ ଘରେ ପଶି ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କୁ ଗୁଳିମାଡ କରିଥିବା ଜଣାପଡ଼ିଛି। ଆହତ ମହିଳା ବିଶ୍ୱ ବିଜୟିନୀ ଜେନା (୩୦) ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସରବାହାଲ ତଳିପଡ଼ା ଠାରେ ଧୀରେନ୍ଦ୍ର ମହାରଣା ଭଡାରେ ରହୁଛନ୍ତି। ତାଙ୍କ ନିଜ ଘର ସମ୍ବଲପୁର ହୋଇଥିବା ବେଳେ ଝାରସୁଗୁଡ଼ାରେ ତାଙ୍କର ଟ୍ରାନ୍ସପୋର୍ଟ କାମ ରହିଛି। ଶୁକ୍ରବାର ରାତି ପ୍ରାୟ ୯.୩୦ ଟାରେ ବାଇକରେ ଜଣେ ଯୁବକ ମୁଖା ପିନ୍ଧି ତାଙ୍କ ଘର ନିକଟରେ ପହଞ୍ଚିଥିଲା। ଧୀରେନ୍ଦ୍ର ବାହାରୁ ଆସି ରୋଷେଇ ଘରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ବିଶ୍ୱ ବିଜୟିନୀ ସୋଫା ଉପରେ ବସିଥିଲେ। ଦୁର୍ବୃତ୍ତ ଯୁବକ ଜଣକ ଘର ଭିତରକୁ ପଶି ଧୀରେନ୍ଦ୍ରଙ୍କ ପତ୍ନୀ ବିଶ୍ୱ ବିଜୟିନୀଙ୍କୁ ଦୁଇ ରାଉଣ୍ଡ ଗୁଳି ମାରିଥିଲା। ପ୍ରଥମ ଗୁଳି ଖସି ଯାଇଥିବା ବେଳେ ଦ୍ୱିତୀୟ ଗୁଳିଟି ବିଶ୍ୱ ବିଜୟିନୀଙ୍କ ଜଙ୍ଘରେ ବାଜିଥିଲା। ଏହାପରେ ଦୁର୍ବୃତ୍ତ ଧୀରେନ୍ଦ୍ରଙ୍କୁ ମଧ୍ୟ ଗୁଳି ମାରିବା ପାଇଁ ପ୍ରୟାସ କରିଥିଲା। କିନ୍ତୁ ଧୀରେନ୍ଦ୍ର ତଳେ ପଡ଼ି ଯାଇଥିଲେ। ଫଳରେ ଧରାପଡ଼ିଯିବା ଭୟରେ ଧୀରେନ୍ଦ୍ରଙ୍କୁ ଗୋଇଠା ମାରି ଦୁର୍ବୃତ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଥିଲା। ବିଶ୍ୱ ବିଜୟିନୀଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶନିବାର ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏସଡିପିଓ ଉମାଶଙ୍କର ସିଂ, ସାଇଣ୍ଟିଫିକ ଟିମ ଓ ଡ୍ରଗ୍ସ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।




**ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍**

**ଗୁରୁତର ଅବସ୍ଥାରେ ଆହତଙ୍କୁ ବୁର୍ଲା ସ୍ଥାନାନ୍ତର**

# ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ

ବରଗଡ଼, ୨୧।୩(ସମିସ): ବରଗଡ଼ ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ସ୍ଥାନୀୟ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବନ ଦିବସ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଉପ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ସହ ବନ ସଂରକ୍ଷକ ହର ମୋହନରଥ, ହରିଶଙ୍କର ନାଏକ ଓ ସୁବୋଧ ସାହୁ ମଞ୍ଚାସୀନ ଥିଲେ। ଜିଲ୍ଲାର ଏକ ବିଭିନ୍ନ ବନାଞ୍ଚଳରେ କାର୍ଯ୍ୟରତ ବନପାଳ, ବନରକ୍ଷୀ, ଫରେଷ୍ଟ ସ୍କ୍ୱାର୍ଡ, ପ୍ରକୃତି ପ୍ରେମୀ, କୋଶଳ ସେନା ସମସ୍ତେ ବନ ବିଭାଗର କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ପରିକ୍ରମା କରିବା ପରେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ପହଞ୍ଚିଥିଲେ। ଅତିଥିବୃନ୍ଦ ଚଳିତ ବର୍ଷ ବିଶ୍ୱ ବନ ଦିବସର ବିଷୟ ବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ସମ୍ପର୍କରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭଟଲି ବନାଞ୍ଚଳ ଅନ୍ତର୍ଗତ ଭୁକ୍ତା ସ୍ଥିତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଓ ଭଡିଗାଁ ପଞ୍ଚାୟତ, ଘେସ ବନାଞ୍ଚଳର ବରିହାପାଲି ପଞ୍ଚାୟତ ଏବଂ ପଦମପୁର ବନାଞ୍ଚଳ ଅଧୀନ ପଞ୍ଚାୟତ ହାଇସ୍କୁଲ, ସମ୍ବଲପୁରକୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାର ଇକୋ କ୍ଲବ୍ ଶିକ୍ଷକ ସଞ୍ଜୟ ଖମାରୀ ମୁଖ୍ୟ ଅତିଥିଙ୍କ ଠାରୁ ମାନପତ୍ର ସହ ପୁରସ୍କାର ଗ୍ରହଣ କରିଥିଲେ। ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ପ୍ରକାଶ ହୋତା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସହ ବନ ସଂରକ୍ଷକ ହରିଶଙ୍କର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରସାମ୍ୟ ହରାଇ ବିଲକୁ ପଶିଲା କାର୍



ଭେଡେନ, ୨୧।୩(ସମିସ): ଭେଡେନ ଥାନା ଅଧୀନ ଜାମଡୋଲ ନିକଟରେ ଭାରସାମ୍ୟ ହରାଇ ଏକ କାର ରାସ୍ତା କଡ ବିଲକୁ ଖସି ପଡ଼ିବାରୁ ଡ୍ରାଇଭର ଗୁରୁତର ହୋଇଥିବା ଜଣାପଡ଼ିଛି। ବରଗଡ଼ ପଟରୁ ଭେଡେନ ଆଡକୁ ଆସୁଥିବା ଏକ କାର (ଓଡି୦୫ଡି୦୧୮୫) ଜାମଡୋଲ ଗାଁ ଛକ ନିକଟରେ ଏକ ସାଇକଲକୁ ଧକ୍କା ଦେବା ସହିତ ଭାରସାମ୍ୟ ହରାଇ ରାସ୍ତାକଡ ବିଲ ଭିତରେ ପଶିଯାଇଥିଲା। ଫଳରେ ଡ୍ରାଇଭର ଆହତ ହୋଇଥିଲେ। ଲୋକମାନେ ଡ୍ରାଇଭରକୁ ଉଦ୍ଧାର କରି ଭେଡେନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ବୋଲେରୋ ଧକ୍କାରେ ସଫେଇ କର୍ମଚାରୀ ମୃତ

ପାଇକମାଳ, ୨୧।୩(ସମିସ)



ପାଇକମାଳରେ ଅବକାରୀ ବିଭାଗ ନିକଟରେ ଥିବା ବ୍ରିଜ ପାଖରେ ଏକ ବୋଲେରୋ ଗାଡି ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରସିଂହଡା ଗାଁର ସୁନୀଲ ସିନ୍ଧୁର (୨୮)। ସେ ପରିତୋଷ ଏଜେନ୍ସି କଟକ ନାମକ କମ୍ପାନୀ ତରଫରୁ ସଫେଇ କର୍ମଚାରୀ ଭାବେ ନୃସିଂହନାଥ ମନ୍ଦିରରେ କାର୍ଯ୍ୟ

**● ୫ ଘଣ୍ଟା ନୃସିଂହନାଥ ରାସ୍ତା ବନ୍ଦ**

**● ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି**

କରୁଥିଲେ। ଆଜି ସକାଳେ ନିଜ ଡ୍ୟୁଟି ସାରି ଘରକୁ ପୁଅକୁ ଡାକ୍ତରଖାନା ନେବା ପାଇଁ ବାଇକରେ ଫେରୁଥିଲେ। ଏହି ସମୟରେ ବୋଲେରୋ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପାଇକମାଳ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ବୋଲେରୋ ଗାଡିକୁ ଥାନାରେ ରଖା ଯାଇଛି। ଡ୍ରାଇଭରର ଗୋଡ ଭାଙ୍ଗି ଯାଇଥିବାରୁ ତାକୁ ପଦ୍ମପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ତେବେ ମୃତକଙ୍କ ପତ୍ନୀ ବବିତା ବଗର୍ତ୍ତି (୨୫), ଝିଅ ସୁନିତା ସିନ୍ଧୁର (୫) ଓ ଦୁଇ ମାସର ପୁଅଙ୍କୁ ଧରି ଅନ୍ୟ ସଫେଇ କର୍ମଚାରୀ ତଥା ମନ୍ଦିର ସିକ୍ୟୁରିଟି ଗାର୍ଡ ଓ ଜନସାଧାରଣ ମୃତଦେହ ରଖି ନୃସିଂହନାଥ ଯିବା ରାସ୍ତାକୁ ଅବରୋଧ କରିଛନ୍ତି। ମୃତକଙ୍କ ପତ୍ନୀ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି, ସ୍ୱାମୀଙ୍କ ଚାକିରି ତାଙ୍କୁ ମିଳିବା, ପିଲାମାନେ ବଡ଼ ହେବା ଯାଏଁ ପରିପୋଷଣ କରିବା, ଘରଡିହ ଯୋଗାଇ ଦେବା ଆଦି ଦାବି ନେଇ ରାସ୍ତାରେ ବସିଥିଲେ। ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ଉପସ୍ଥିତ ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ। ରେଡକ୍ରସ ତରଫରୁ ୧୦ହଜାର, ନୃସିଂହନାଥ ମନ୍ଦିର ତରଫରୁ ୧୦ହଜାର ଓ ସକ୍ୟୁରିଟି ସଂସ୍ଥା ତରଫରୁ ୧୫ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ଏହାପରେ ରାସ୍ତାରୋକ ହଟି ଯାତାୟତ ସ୍ୱାଭାବିକ ହୋଇଥିଲା। ତେବେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଥିବା ଜଣାପଡ଼ିଛି।

# ମାଁ ସମଲେଶ୍ୱରୀଙ୍କ 'ଚନ୍ଦ୍ରଘଣ୍ଟା ବେଶ'

ବରଗଡ଼, ୨୧।୩(ସମିସ): ଧର୍ମକ୍ଷେତ୍ର ବରଗଡ଼ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠ ଏବେ ଉତ୍ସବମୁଖର। ବାସନ୍ତିକ ନବରାତ୍ରି ଅବସରରେ ବରଗଡ଼ ଉପକଣ୍ଠ ଗୁଡେଶିରା ଗାଁରେ ସମଲେଶ୍ୱରୀଙ୍କ ମନ୍ଦିରରେ ଆଜି ମାଁଙ୍କୁ 'ଚନ୍ଦ୍ରଘଣ୍ଟା ବେଶ'ରେ ସଜ୍ଜିତ କରାଯାଇଛି। ମାଁଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବା ବେଳେ ଏହି ଭବ୍ୟରୂପକୁ ଦେଖିବା ପାଇଁ ସକାଳୁ ସକାଳୁ ଗୁଡେଶିରା ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମାଁଙ୍କ ଏହି ରୂପର ଦର୍ଶନ କଲେ ମନରେ ଶାନ୍ତି ଓ ଶକ୍ତିର ସଞ୍ଚାର ହୁଏ ବୋଲି ଶ୍ରଦ୍ଧାଳୁ ମାନେ ମତ ପ୍ରକାଶ କରିଛନ୍ତି।



# ୩୪୦ ଲିଟର ମଦ, ୧୨୦୦ କେଜି ପୋଚ ଜବତ, ୨ ଗିରଫ



ଅମ୍ବାଭୋନା, ୨୧।୩(ସମିସ): ଅମ୍ବାଭୋନା ଥାନା ଅଧୀନ ପିକ୍ରିଝରଣ ଗାଁରେ ଅବୈଧ ଭାବେ ମହୁଆ ମଦ ତିଆରି ଖବର ପାଇ ଅମ୍ବାଭୋନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଅବୈଧ ଦେଶୀ ମଦ ତିଆରିକୁ ରୋକିବା ପାଇଁ ପୁଲିସ ନିୟମିତ ଭାବେ ଚଢ଼ଉ କରୁଛି। ଏହି ପରିପ୍ରେକ୍ଷିରେ ଶନିବାର ସକାଳେ ପିକ୍ରିଝରଣ ଗାଁରେ ଗିରିଧାରୀ ବେହେରାଙ୍କ ଘର ପଛପଟେ ବିପୁଳ ପରିମାଣରେ ମହୁଆ ମଦ ତିଆରି ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ପୁଲିସ ଟିମ୍ ଗଠନ କରି ଉକ୍ତ ସ୍ଥଳରେ ଚଢ଼ଉ କରି ଗିରିଧାରୀ ବେହେରା (୩୪) ଓ ମୁରଳୀ ବରିହା (୪୬)ଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ପ୍ରାୟ ୩୪୦ ଲିଟର ଦେଶୀ ମଦ, ୧୨୦୦ କେଜି ଅଧପକା ମହୁଲ ପୋଚ ସହ ମଦ ତିଆରିରେ ବ୍ୟବହୃତ ଅନେକ ଆଲୁମିନିୟମ ଡେକଚି, ପ୍ଲାଷ୍ଟିକ ଡ୍ରମ୍ ଓ ପାଇପ ଜବତ କରାଯାଇଛି। ଏନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପଦ୍ମପୁର ଶିଶୁ ମନ୍ଦିରରେ କଣ୍ଢେଇ ଦିବସ



ପଦ୍ମପୁର, ୨୧।୩(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ସଭାପତି ପୃଥିରାଜ ସାହୁ କଣ୍ଢେଇ ଦିବସ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଦସ୍ୟା ଅଲିଭା ରଥ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଜୀବନାନନ୍ଦ ଶତପଥୀ ସଂଯୋଜନା କରିଥିବା ବେଳେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖା ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ କଣ୍ଢେଇ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଅଭିଭାବିକା ମାନେ ଯୋଗ ଦେଇଥିଲେ।

# ପୁଲିସ କବ୍‌ଜାରେ ଦୁଇ ଲୁଟେରା

ବରପାଲି, ୨୧।୩(ସମିସ): ଏକ ଲୁଟପାଟ ଘଟଣାରେ ବରପାଲି ପୁଲିସ ଆଜି ୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ଗତ ଶୁକ୍ରବାର ବରପାଲି ଥାନା ଅଧୀନ ଅମ୍ବାପତ୍ରା ଗାଁ ପିକୁଲ ଭୋଇ ସନ୍ଧ୍ୟା ସମୟରେ କଣ୍ଟାପାଲି କଲେଜରୁ ଫେରୁଥିଲେ। ଏହି ସମୟରେ ଧଉରାଖନ୍ଦା ଛକ ନିକଟରେ ୨ ଜଣ ଯୁବକ ତାଙ୍କୁ ଅଟକାଇ ଛୁରି ଦେଖାଇ ଧମକଚମକ ଦେଇଥିଲେ। ଯୁବକ ଦ୍ୱୟ ପିକୁଲଙ୍କୁ ଆକ୍ରମଣ କରି ୧୧ ହଜାର ଟଙ୍କା ଲୁଟି ନେଇ ଫେରାର ମାରିଥିଲେ। ଏହାପରେ ପିକୁଲ୍ ଘଟଣା ସମ୍ପର୍କରେ ପୁଲିସ ଥାନାରେ ଅଭିଯୋଗ ଆଣିଥିଲେ। ବରପାଲି ପୁଲିସ ପିକୁଲଙ୍କୁ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶନିବାର ପୁଲିସ ଘଟଣାରେ ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ଗିରଫ କରି ଥାନାକୁ ଆଣି ଖୋଲତାଡ କରିଥିଲା। ସେମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି କୋର୍ଟକୁ ପଠାଇଥିଲେ। ପୁଲିସ ଦୁଇ ଅଭିଯୁକ୍ତଙ୍କ ନିକଟରୁ ୧୧୦୦୦ ଟଙ୍କା, ଗୋଟିଏ ନମ୍ବର ବିହୀନ ବାଇକ୍ ଓ ଏକ ମୋବାଇଲ୍ ଜବତ କରିଛି।

# ସିମେଣ୍ଟ ବୋଝେଇ ଟ୍ରକ୍‌ରେ ନିଆଁ



ଝାରବନ୍ଧ, ୨୧।୩(ସମିସ): ସୁକୁଲିପାହାଡ ନିକଟରେ ରାୟପୁରରୁ ପଦ୍ମପୁର ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକରେ ହଠାତ୍ ନିଆଁ ଲାଗିଯାଇଛି। ଏଥିରେ ଟ୍ରକର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଟ୍ରକଟି ରାୟପୁରରୁ ସିମେଣ୍ଟ ବୋଝେଇ ପଦ୍ମପୁର ଦିଗକୁ ଯାଉଥିବା ବେଳେ ସୁକୁଲିପାହାଡ ଠାରେ ହଠାତ୍ ନିଆଁ ଲାଗିଥିଲା। ଘଟଣା ସମ୍ବନ୍ଧରେ ଖବର ପାଇ ଅଗ୍ନିଶମ ବିଭାଗ ଏବଂ ଜଗଦଳପୁର ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଅଗ୍ନିନିର୍ବାପଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀ ମାନଙ୍କର ପରିଶ୍ରମରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ତେବେ ଏଥିରେ କାହାରି ଶାରୀରିକ ଆଘାତ ଲାଗି ନଥିବା ବେଳେ ଓଭରଲୋଡ ଯୋଗୁଁ ଚକରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଜଗଦଳପୁର ପୁଲିସ ପକ୍ଷରୁ ଏହାର ଅଧିକ ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ରହିଛି।

# ସମବାୟ ଆନ୍ଦୋଳନ ଓ ଓଡ଼ିଆ ଅସ୍ମିତାର ପୁରୋଧା ଥିଲେ କୃତାର୍ଥ ଆଚାର୍ଯ୍ୟ



ବରଗଡ଼, ୨୧।୩(ସମିସ): ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ବୁଣାକାର ମାନଙ୍କ ସମ୍ମିଳିତ ଭାବ ଓ ସ୍ୱାର୍ଥକୁ ନେଇ ଯେଉଁ ନିସ୍ୱାର୍ଥ ନିଦର୍ଶନ ପ୍ରଦର୍ଶନ କରି ଯାଇଛନ୍ତି ତାହା ହିଁ ଓଡିଆ ଅସ୍ମିତା ବୋଲି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆୟୋଜିତ ୧୨୭ ତମ ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଛି। ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଆୟୋଜିତ ସମାରୋହରେ ସ୍ମୃତି କମିଟିର ଅଧ୍ୟକ୍ଷ ଡ.ପ୍ରଦୀପ ହୋତା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଯୋଗ ଦେଇଥିଲେ। ନିଜସ୍ୱ ସନ୍ତାନ ବ୍ୟତୀତ ଅନେକ କନ୍ୟାର ସେ ଜନକ ଥିଲେ ବୋଲି ଅଭିହିତ କରିଥିଲେ। ମୁଖ୍ୟ ଅତିଥି ପ୍ରସନ୍ନ ଦାଶ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କେବଳ ଭାରତ ନୁହେଁ ଦେଶ ବାହାରେ ମଧ୍ୟ ସମ୍ବଲପୁରୀ ବସ୍ତ୍ରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରାଇବାରେ ସଫଳ ହୋଇଥିବା କହିବା ସହ ବିଶ୍ୱ ଦରବାରରେ ବରଗଡ଼ର ଗୌରବ ବୃଦ୍ଧି କରିଥିବା ଉଲ୍ଲେଖ କରିଥିଲେ। ଏଥିସହିତ ବରକୁଲ ସ୍ଥିତ ଓଡ଼ିଶା ଆର୍ଟ ମ୍ୟୁଜିଅମ୍‌ରେ ହସ୍ତତନ୍ତର ଏକ ଗ୍ୟାଲେରୀକୁ କୃତାର୍ଥ ଆଚାର୍ଯ୍ୟଙ୍କ ନାମରେ ନାମିତ କରିବା ଓ ଜଗତସିଂପୁର ଜିଲ୍ଲା ଓଡ଼ିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ କୃତାର୍ଥ ଆଚାର୍ଯ୍ୟ ବକ୍ତୃତାମାଳାର ଆୟୋଜନ କରିବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ କୃତୀ ବୁଣାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତାଳୟ ବରଗଡ଼ର କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁଜିତ୍ ପୃଷ୍ଟେଠ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିଦ୍ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ୍ ଥିଲେ। ପରିଚାଳନା ନିର୍ଦ୍ଦେଶକ ଦେବଜୀତ ନନ୍ଦୀ ବିବରଣୀ ପଠନ ଓଏସଡି ହେମନ୍ତ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶରତ ଲାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ









ବରଗଡ଼, ୨୧।୩(ସମିସ)

ପଦ୍ମଶ୍ରୀ ଡ.କୃତାର୍ଥ ଆଚାର୍ଯ୍ୟଙ୍କ ୧୨୭ ତମ ଜନ୍ମ ଜୟନ୍ତୀ ଅବସରରେ ପିକେଏ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ୩୨ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇଆଇଏମ୍ ଡାଇରେକ୍ଟର ଡ.ମହାଦେଓ ଜୟସ୍ୱାଲ ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ଏସିସି ଆଦାନୀ ପ୍ଲାଣ୍ଟ ମ୍ୟାନେଜର ଇଞ୍ଜିନିୟର ସୁକାନ୍ତ ସାମନ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନ ସମୂହ ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟ, ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ.ତରୁଣ ଷଡଙ୍ଗୀ, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ଡିଗ୍ରୀ ଇଞ୍ଜିନିୟରିଂ ଅଧ୍ୟକ୍ଷ ଭରତ ଭୂଷଣ ଶତପଥୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶୁଭାଶିଷ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ.ଭରତ ଭୂଷଣ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ସଭାପତି ଶ୍ରୀ ଆଚାର୍ଯ୍ୟ ଛାତ୍ର ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଜୟ ପ୍ରକାଶ ଅଗ୍ରୱାଲ ପଦ୍ମଶ୍ରୀ ଡ.କୃତାର୍ଥ ଆଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜିତ ଟେକଫେଷ୍ଟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ତରଫରୁ ୪୭ଟି ଟେକ୍ନିକାଲ ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା। ଟେକଫେଷ୍ଟରେ ଏସଇଇସି, ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ଇଞ୍ଜିନିୟର ଦେବଦତ୍ତ ସବ୍ୟସାଚୀ ମିଶ୍ର ଓ ଏସିସି ଆଦାନୀ ବରଗଡ଼ ମ୍ୟାନେଜର ଅତାବଳୀ ମଣ୍ଡଳ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟାପକ ଶୁଭସ୍ମିତା ଭୋଇ, ସୁନୀତା ମହାପାତ୍ର, ସଞ୍ଜିତା ଆଚାର୍ଯ୍ୟ, ବନ୍ଦିତା ପଣ୍ଡା, ସନ୍ତୋଷ ଶମିଲା, ଶାଶ୍ୱତ ସୁମନ ଶର୍ମା, ଆଶୀଷ ବେହେରା ଶେଷରେ ଉପେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ଅଧୀନ ଆଦିବାସୀ ଉଚ୍ଚ ବିଦ୍ୟାଳୟ ସର୍ଗିବାହାଲର ବାର୍ଷିକ ଉତ୍ସବ ସମର୍ପଣ ପ୍ରଧାନ ଶିକ୍ଷକ ସନ୍ଧ୍ୟାରାଣୀ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ, ଏବିଡିଓ ମେନକା ମେହେର, ଅବସରପ୍ରାପ୍ତ ଏବିଇଓ ଜୟ ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ଜୟନ୍ତୀ ମେହେର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଚନ୍ଦ୍ରମୋହନ ମେହେର ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଗୋବର୍ଦ୍ଧନ ବରିହା ମଞ୍ଚ ସଂଯୋଜନା କରିଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରୀ ରିଙ୍କୁ ସୁନାଙ୍କୁ ନୀଳକଣ୍ଠ ସ୍ମୃତି ସମ୍ମାନ, ବୈଷ୍ଣବୀ ବେହେରାଙ୍କୁ ବୃନ୍ଦାବତୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ 'ରାମରାଏଜ' ପରିବେଷିତ ହୋଇଥିଲା। ବରଗଡ଼ ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ଓ ବିର୍ସାମୁଣ୍ଡା ଆଥଲେଟିକର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।





**ଗାଇସିଲେଟ:** ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଗାଇସିଲେଟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ମୁଖ୍ୟବକ୍ତା ଡ.ସୁନିଲ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ ବେହେରା ଉପସ୍ଥିତ ଥିଲେ। ଗତବର୍ଷ ଶ୍ରେଷ୍ଠ ଫଳାଫଳ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ପଦ୍ମପୁର:** ବରଗଡ଼ ଜିଲ୍ଲା ରାଜବୋରାସମ୍ବର ବ୍ଲକ ଅଧୀନ ନବପ୍ରଭାତ ଆଶ୍ରମ ନୂଆପାଲି ଠାରେ ବିଦ୍ୟାୟତନର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା.ଯଦୁମଣି ନାଏକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତେଜରାଜ ସାହୁ, ନବପ୍ରଭାତ ବୈଦିକ ବିଦ୍ୟାପୀଠର ପ୍ରଧାନଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଲେଖକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମୃତିଶିଖା ପ୍ରଧାନ ଏବଂ ସୁଧାରାଣୀ ଦୋରା ମଞ୍ଚ ପରିଚାଳନା କରିଥିଲେ। ଚଳିତ ଶିକ୍ଷା ବର୍ଷର କୃତୀ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସହଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପକ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ସିନ୍ଦୂର' ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ତଥା ଶିକ୍ଷୟିତ୍ରୀ ପ୍ରବୀଣ ଦେବତା, ମାନସ ଗଡ଼ତିଆ, ଦୟାନିଧି ସାହୁ, ଦୁଷ୍ମନ୍ତ ପଧାନ, ନେତ୍ରାନନ୍ଦ ମହାପାତ୍ର, ପ୍ରବୀଣା ବରାଲ, ରଶ୍ମିତା ପଣ୍ଡା, ସୁନିତା ସାହୁ, ବର୍ଷା ଭୋଇ, ବିଜୟିନୀ ବିଶ୍ୱାଳ, ରଶ୍ମିରେଖା ଥାପା, ସେବତୀ ସାହୁ, ଯାଜ୍ଞସେନି ସାହୁ, ସଜ୍ଞା ବେହେରା, ଇଲାବତୀ ସାହୁ, ବର୍ଷାରାଣୀ ବହିଦାର ତଥା ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଦେବାଶିଷ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବିଦ୍ୟାଳୟର ପରିଚାଳକ ନିର୍ଦ୍ଦେଶକ ରବି ଶଙ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମକେନ୍ଦ୍ରର ପ୍ରତିଷ୍ଠା ଦିବସ

**● ଡ.କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**



ଅମ୍ବାଭୋନା, ୨୧।୩(ସମିସ): ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ର ଠାରେ ଶନିବାର ଅନୁଷ୍ଠାନର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଆମନ୍ତ୍ରିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଶିକ୍ଷାବିତ୍ ପ୍ରଦୀପ ହୋତା ତଥା ପିକେଏଜିଆଇର ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ କରକମଳରେ ସ୍ୱର୍ଗତଃ ପଦ୍ମଶ୍ରୀ ଡ.କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଗଲା। ଜୟନ୍ତୀ ସଭାରେ ପିକେଏଜିଆଇର ଚେୟାରମ୍ୟାନ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ଶ୍ରୀ ପୁରୋହିତ ଦେଶ ଗଠନରେ ଛାତ୍ର ମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଡ.କୃତାର୍ଥ ଆଚାର୍ଯ୍ୟ କେବଳ ଏକ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ ବୋଲି ଅବିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଡ.ପ୍ରଦୀପ ହୋତା ସ୍ୱର୍ଗତଃ କୃତାର୍ଥ ଆଚାର୍ଯ୍ୟଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବାଭୋନା ବ୍ଲକ ଚେୟାରମ୍ୟାନ କିର୍ତ୍ତିଚନ୍ଦ୍ର ଦୁଆନ, ଭଟଲି ବ୍ଲକ ଚେୟାରମ୍ୟାନ ନିତ୍ୟାନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଗଲା। ଜିଲ୍ଲାସ୍ତରୀୟ ଏକ ଆଇଟିଆଇ ଟ୍ରେଡ ଫେଷ୍ଟ ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୭ଟି ଆଇଟିଆଇ ଯୋଗଦାନ କରି ସର୍ବମୋଟ ୨୦ଟି ବୈଷୟିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସଭାରେ ଅନୁଷ୍ଠାନର ସଂଯୋଜକ ସରୋଜ ମାଝୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ରବୀନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଭୁକ୍ତାର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ ସତ୍ୟବାନ ଦେହେରି ସଭା ପରିଚାଳନା କରିଥିଲେ।

